


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୧୦୧ ● ୯ ମଇ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-101 ● 9th May 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24



ଭାରତର ନିର୍ବାଚନ ଆୟୋଗ
Election Commission of India

ମତଦାତା ସୂଚିରେ ନିଜ ନାମ ଯାଞ୍ଚ କରନ୍ତୁ

ଏସଏମ୍ଏସ୍ <ଇସିଆଇ> ସ୍ପେସ୍ ଦିଅନ୍ତୁ <ଇପିଆଇସି ନଂ> ୧୯୫୦ରେ ପଠାନ୍ତୁ

ବା elections24.eci.gov.in କୁ ଯାଆନ୍ତୁ

'ମତଦାନ-ମୋର କର୍ତ୍ତବ୍ୟ' ଫିଲ୍ମ ଦେଖିବା ପାଇଁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

ସଚିନ ତେନ୍ଦୁଲକର
ରାଷ୍ଟ୍ରୀୟ ଆଇକନ୍ ଇସିଆଇ

चुनाव का पर्व
DESH KA GARV
LOK SABHA ELECTION 2024

ସ୍କାନ୍ କରନ୍ତୁ ଡାଉନଲୋଡ କରନ୍ତୁ
Voter Helpline App

CBC 52101/13/0021/2425

ବିଜୁ ଜନତା ଦଳ

ପ୍ରତି ପଞ୍ଚାୟତକୁ ବ୍ୟାଙ୍କ ସେବା ଆଣିଛି 'ଆମ ବ୍ୟାଙ୍କ'

ନବୀନଙ୍କ 5T ଗ୍ୟାରେଣ୍ଟି
ରୂପାନ୍ତରଣର ଗ୍ୟାରେଣ୍ଟି

ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ ଲୋକସଭା ବିଧାନସଭା ବିଜେଡିକୁ ଭୋଟ୍ ଦିଅନ୍ତୁ


# ପୂର୍ବରୁ ଅନେକ ଥର ଓଡ଼ିଶା ଆସିଥିଲି, ଏଥର ସ୍ଥିତି ଅଲଗା ଦେଖାଯାଉଛି

ଭୁବନେଶ୍ୱର/ରାୟଗଡା, ୮।୫

ନ୍ୟୁଜ୍ ବ୍ୟୁରୋ

ପୂର୍ବରୁ ଅନେକ ଥର ଓଡ଼ିଶା ଆସିଥିଲି। ଏଥର ମଧ୍ୟ ଓଡ଼ିଶା ଆସିଛି । କିନ୍ତୁ ଏଥର ସ୍ଥିତି ଅଲଗା ଦେଖାଯାଉଛି। ଭାରତୀୟ ଜନତା ପାର୍ଟି ଓଡ଼ିଶାର କେତୋଟି ଲୋକସଭା ଆସନରେ ବିଜୟ ହାସଲ କରିବ ବୋଲି ପଚରାଗଲେ, କିଛି ଲୋକେ କହୁଥିଲେ ୨। ସେହିଭଳି ଅନ୍ୟମାନେ କହୁଥିଲେ ୭ ଅଥବା ୮। ଏଥର କିନ୍ତୁ ଓଡ଼ିଶାବାସୀ କହୁଛନ୍ତି, ୨୧ରୁ ୨୧ ଲୋକସଭା ଆସନରେ ବିଜେପି ଜିତିବ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୁଧବାର ଏହା କହିଛନ୍ତି । ବିଜେପିର



ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ସେ କହିଛନ୍ତି, ଆପଣଙ୍କର ବିଜେପି ସାଂସଦ ପ୍ରାର୍ଥୀ ବିଜୟୀ ହେଲେ ସଂସଦରେ ଭଲ କାମ କରିପାରିବେ । ଆପଣଙ୍କର ସମସ୍ୟାକୁ ଉପସ୍ଥାପନ କରିବେ। ଦେଶକୁ ଏଭଳି ଯୁବ ସାଂସଦ ଦରକାର ଅଛି।

ଶ୍ରୀ ସିଂହ କହିଛନ୍ତି, କେନ୍ଦ୍ରରେ ବିଗତ ୧୦ ବର୍ଷ ହେଲା ମୋଦିଙ୍କ ସରକାର ଜାରି ରହିଛି। ମୋଦିଙ୍କ ସରକାର କେମିତି ଚାଲିଛି ? ସ୍ୱାଧୀନ ଭାରତରେ ଦୀର୍ଘ ଦିନ ଧରି କଂଗ୍ରେସ ସରକାର ରହିଥିଲା। କିନ୍ତୁ ଏଠାରୁ ଗରିବୀ ହଟିନଥିଲା। କିନ୍ତୁ ମୋଦି ସରକାରଙ୍କ ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକ ଗରିବୀରୁ ଭଲ ସ୍ତରକୁ ଆସିଛନ୍ତି। ବିଶ୍ୱର ଜନତା ଚାହୁଁଛନ୍ତି, ମୋଦି ଆଗକୁ ମଧ୍ୟ ସରକାର ଗଢ଼ନ୍ତୁ। ଏହି ଓଡ଼ିଶାରେ ବଡ଼ସଂଖ୍ୟାରେ ଗରିବୀ ଦେଖାଯାଉଥିଲା। (ପୃଷ୍ଠା ୭ରେ)

# ବିକାଶ ବିରୋଧୀଙ୍କୁ ମୁହଁତୋଡ଼୍ ଜବାବ ଦେବାକୁ ଅପିଲ

ଭୁବନେଶ୍ୱର/ରାୟଗଡା, ୮।୫

ନ୍ୟୁଜ୍ ବ୍ୟୁରୋ

ବିଜେଡ଼ିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବୁଧବାର ସକାଳେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ତଥା ଚଳିତ ନିର୍ବାଚନରେ ବିଜେପିର ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଫଳତାର ଚିଠା ଖୋଲିଦେଇଛନ୍ତି। ବୁଧବାର ଭୋରରୁ ଗୋପାଳପୁରରେ ବିଭିନ୍ନ ଓଡ଼ିଆ ଗଣମାଧ୍ୟମର ସମ୍ପାଦକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସମୟରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶ୍ନ ବାଣରେ ଘାଇଲା କରିବା ସହ ତାଙ୍କ ଅପାରଗତାର ଗୋଟି ଗୋଟି ହିସାବ ଦେଇଛନ୍ତି।

କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୧୦ ବର୍ଷ ଧର୍ମେନ୍ଦ୍ର କେନ୍ଦ୍ରରେ ମନ୍ତ୍ରୀ ରହିଲେ, ହେଲେ ଓଡିଶା ପାଇଁ କଣ କରିଛନ୍ତି। ୧୦ ବର୍ଷ ଧରି କେନ୍ଦ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିବା ସତ୍ତ୍ୱେ ଓଡ଼ିଶାକୁ ଜଣେ ଓଡ଼ିଆ ଭାବେ



ଅଣଦେଖା କଲେ। ଆଉ ଏବେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ପାଣ୍ଡିଆନ ଆହୁରି ମଧ୍ୟ କହିଛନ୍ତି, ଗତ ୧୦ ବର୍ଷ ଭିତରେ ଓଡିଶାର ସ୍ୱାର୍ଥ ନେଇ ମୁଁ କେନ୍ଦ୍ରମନ୍ତ୍ରୀଙ୍କୁ ଯାହା କିଛି ପଚାରିଛି, ସେ ମୋ ପ୍ରଶ୍ନର ଉତ୍ତର ଦେଇନାହାନ୍ତି। ଓଡ଼ିଶା ତ ଦୂରର କଥା ଯେଉଁ ଢେଙ୍କାନାଳ ନିର୍ବାଚନ କ୍ଷେତ୍ରରୁ ଟିକେଟ ପାଇବାକୁ ସେ ୧୦ ବର୍ଷ ହେବ ଉଦ୍ୟମ କରିଆସୁଥିଲେ ସେହି ଢେଙ୍କାନାଳ ପାଇଁ ସେ କଣ କରିଛନ୍ତି ? ଏପରିକି ନିଜ ଗାଁ ପାଇଁ ସେ କଣ କରିଛନ୍ତି ? ତାହାର ମଧ୍ୟ ଉତ୍ତର ଦେଇପାରିବେ ନାହିଁ।

ଏଥି ସହିତ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରରେ ୫ ବର୍ଷ ଶିକ୍ଷା ମନ୍ତ୍ରୀ ରହିଲେ (ପୃଷ୍ଠା ୭ରେ)

## ଓଡ଼ିଶା ମୋର କର୍ମଭୂମି ଭି.କେ ପାଣ୍ଡିଆନ

ଭୁବନେଶ୍ୱର, ୮।୫

ନ୍ୟୁଜ୍ ବ୍ୟୁରୋ

ବୁଧବାର ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନେ ୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା ଭି.କେ ପାଣ୍ଡିଆନଙ୍କୁ ପ୍ରଶ୍ନ କରିଥିଲେ, ଆପଣ ଓଡ଼ିଶା ଛାଡ଼ି ପଳେଇବେ କି ? ଏହି ପ୍ରଶ୍ନର ଉତ୍ତରରେ ପାଣ୍ଡିଆନ କହିଥିଲେ, ଓଡ଼ିଶା ମୋର କର୍ମଭୂମି। ମୋ ପୁଅ ଓ (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଓଡ଼ିଶାରେ ରୁବେଲା ଭାଇରସ : ନବରଙ୍ଗପୁରରେ ଦୁଇ ରୋଗୀ ଚିହ୍ନଟ

ନବରଙ୍ଗପୁର, ୮।୫ : ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲାରେ ଦୁଇ ରୁବେଲା ରୋଗୀ ଚିହ୍ନଟ ହୋଇଛନ୍ତି। ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡାର ୫ ଶିଶୁଙ୍କ ରକ୍ତ ନମୁନାକୁ ଗତ ୨୪ ତାରିଖରେ ଭୁବନେଶ୍ୱର ଆରଏମଆର ସି ପରୀକ୍ଷାଗାରକୁ ପଠା ଯାଇଥିଲା। ସେଥି ମଧ୍ୟରୁ ଦୁଇ ଶିଶୁଙ୍କ ରକ୍ତରେ ଏଇ ରୁବେଲା ରୋଗ ଥିବା ଚିହ୍ନଟ ହୋଇଛି। ଏହାକୁ ଜର୍ମାନ ମିଳିମିଳା ବି କୁହାଯାଏ। ଏହା ଏକ ଭୁତାଣୁ ଜନିତ ରୋଗ ଏବଂ ଏହା ବାୟୁ ଦ୍ୱାରା ସଂକ୍ରମିତ ହୁଏ । ରିପୋର୍ଟ (ପୃଷ୍ଠା ୭ରେ)




# ସଙ୍କଟରେ ହରିଆଣାର ବିଜେପି ନେତୃତ୍ୱାଧୀନ ସରକାର

ନୂଆଦିଲ୍ଲୀ, ୮।୫

ହରିଆଣାର ବିଜେପି ନେତୃତ୍ୱାଧୀନ ସରକାର ସଙ୍କଟରେ । ହରିଆଣାର ବିଜେପି ନେତୃତ୍ୱାଧୀନ ସରକାରରୁ ୩ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିବା ପରେ ବଢ଼ିଛି ଅଡୁଆ। ସମର୍ଥନ ପ୍ରତ୍ୟାହାର କରିଥିବା ୩ ସ୍ୱାଧୀନ ବିଧାୟକ କଂଗ୍ରେସକୁ ସମର୍ଥନ କରିବାକୁ ଘୋଷଣା କରିଛନ୍ତି । ୩ ବିଧାୟକଙ୍କ ଏହି ଘୋଷଣା ପରେ ବିଜେପି ନେତୃତ୍ୱାଧୀନ ସରକାରରେ ସଂକଟ ବଢିଛି। ୩ ସ୍ୱାଧୀନ ବିଧାୟକ ହେଲେ ସୋମବୀର ସାଙ୍ଗାନ,



ରଣଧୀର ଗୋଲେନ ଏବଂ ଧର୍ମପାଲ ଗୋନ୍ଦର। ହରିଆଣାର କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସି ହୁଡ୍ଡା ଏବଂ ହରିୟାଣା କଂଗ୍ରେସ ମୁଖ୍ୟ ଉଦୟ ଭାନଙ୍କ ଉପସ୍ଥିତିରେ ଏହି ଘୋଷଣା କରିଛନ୍ତି । ୩ ସ୍ୱାଧୀନ ବିଧାୟକଙ୍କ (ପୃଷ୍ଠା ୭ରେ)

# ଚଳିତ ନିର୍ବାଚନରେ ୯ ସହ ବିଜେଡ଼ିର ସମ୍ପର୍କ

ଭୁବନେଶ୍ୱର, ୮।୫

ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳ (ବିଜେଡି) ଓଡ଼ିଶା ବିଧାନସଭା ନିର୍ବାଚନ-୨୦୨୪ରେ ବିଜୟ ହାସଲ କରିବାର ଦୃଢୋକ୍ତି କରିଛି। ଆସନ୍ତା ଜୁନ ୯ ତାରିଖରେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ବିଜେଡି ନେତା ଭିକେ ପାଣ୍ଡିଆନ କହିଛନ୍ତି । ତେବେ ୯ ତାରିଖରେ କାହିଁକି ଶପଥ ନେବେ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ କହିଛନ୍ତି, ଗୁଗଲ କରି ଦେଖି ନିଅନ୍ତୁ। (ପୃଷ୍ଠା ୭ରେ)

# ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ୍, ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ରୁହନି

ନୂଆଦିଲ୍ଲୀ, ୮।୫

ହୁ ହୁ ହୋଇ ଜଳୁଛି ଜଙ୍ଗଲ। ଉତ୍ତରାଖଣ୍ଡର ଜଙ୍ଗଲରେ ଗଲା କିଛି ଦିନ ଧରି ବ୍ୟାପକ ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁ ଲିଭିବାର ନାଁ ନେଉନାହିଁ । ଏହାକୁ ଲିଭାଇବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି



ରହିଛି। ତଥାପି ଏହି ଜଙ୍ଗଲ ନିଆଁ ଏବେ ଜନବସତି ଆଡକୁ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ଏବେ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିବା ସହ ଉତ୍ତରଖଣ୍ଡ ସରକାରଙ୍କୁ ତାଗିଦ କରିଛନ୍ତି। ଆମେ ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ହାତ ଉପରେ (ପୃଷ୍ଠା ୭ରେ)

## ବିବାଦ ପରେ କଂଗ୍ରେସ ବିଦେଶ ମୁଖ୍ୟ ପଦରୁ ଇସ୍ତଫା ଦେଲେ ସାମ ପିତ୍ରୋଡା

ନୂଆଦିଲ୍ଲୀ, ୮।୫

କଂଗ୍ରେସ ନେତା ସାମ ପିତ୍ରୋଡା ଭାରତୀୟ କଂଗ୍ରେସର ବିଦେଶ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି । ଦଳ ମଧ୍ୟ ତାଙ୍କର ଏହି ଇସ୍ତଫା ଗ୍ରହଣ କରିଛି। (ପୃଷ୍ଠା ୭ରେ)

## ଏକାଳ ସେକାଳ



ନିର୍ବାଚନ ପ୍ରଚାର ବ୍ୟସ୍ତତା
ନେତା ସବୁ ଯାନ୍ତି ଭୂଲି
ସୀମା ସରହଦ ଆନ୍ଧ୍ର ଆଡାଏ
ଦେଖାଇଣ ଆଖି ନାଲି
ନେତାହନ୍ତି ରାଉରାଉ ଖାଲି
କେଜାଣି କେବେ ଚେତା ପଶିବ
ଛାଡିକି ପ୍ରଚାର ରାଲି ।

# ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ଦୁଇ ବଡ଼ ପ୍ରତିଦ୍ୱନ୍ଦ୍ୱୀ



ୱାଶିଂଟନ, ୮।୫

ଆଗାମୀ ନଭେମ୍ବରରେ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ରିପବ୍ଲିକାନ ଏବଂ ଡେମୋକ୍ରାଟିକ ଦଳ ମଧ୍ୟରେ ପ୍ରାର୍ଥୀ ଚୟନ କରିବାକୁ ପ୍ରାଥମିକ ନିର୍ବାଚନ ଚାଲିଛି । ରାଷ୍ଟ୍ରପତି ଜୋ ବାଇଡେନ ଏବଂ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଥମିକ ନିର୍ବାଚନରେ ଜିତିଛନ୍ତି। ତେବେ ପ୍ରାର୍ଥୀ ହେବା ପାଇଁ ଉଭୟ ନେତା ନିଜ ନିଜ ଦଳରୁ ଆବଶ୍ୟକ ପ୍ରତିନିଧିଙ୍କ ସମର୍ଥନ ଗ୍ରହଣ କରିସାରିଛନ୍ତି।

ଆମେରିକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମଙ୍ଗଳବାରର ବିଜୟ ସହିତ ଟ୍ରମ୍ପଙ୍କୁ ୫୮ ଜଣ ପ୍ରତିନିଧିଙ୍କ ସମର୍ଥନ ମିଳିଛି । ଇଣ୍ଡିଆନା ରିପବ୍ଲିକାନ ଭୋଟ୍‌ର ୭୭ ବର୍ଷୀୟ ଟ୍ରମ୍ପ ଏକମାତ୍ର ସକ୍ରିୟ ପ୍ରାର୍ଥୀ ଥିଲେ। ସେହିଭଳି ଇଣ୍ଡିଆନା ଡେମୋକ୍ରାଟିକ ପ୍ରାଥମିକ ନିର୍ବାଚନରେ ବାଇଡେନ ସମସ୍ତ ୭୯ ପ୍ରତିନିଧିଙ୍କ ସମର୍ଥନ ମଧ୍ୟ ପାଇଛନ୍ତି। ଟ୍ରମ୍ପଙ୍କ ପରି ବାଇଡେନ ଇଣ୍ଡିଆନାର ଡେମୋକ୍ରାଟିକ ଭୋଟର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲେ।

ନଭେମ୍ବର ୫ରେ ଡେମୋକ୍ରାଟିକ ପାର୍ଟିର ବାଇଡେନ ଏବଂ ରିପବ୍ଲିକାନ ପାର୍ଟିର ଟ୍ରମ୍ପଙ୍କ ମଧ୍ୟରେ ଆଉ ଏକ ପ୍ରତିଯୋଗିତା ହେବ । ଅନ୍ୟପକ୍ଷରେ, (ପୃଷ୍ଠା ୭ରେ)

# ଭୁବନେଶ୍ୱର ବିମାନବନ୍ଦରରେ ୨.୭୯ କୋଟି ଟଙ୍କାର ସୁନା ଜବତ

ଭୁବନେଶ୍ୱର, ୮।୫

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ଥରେ ସୁନା ଜବତ ହୋଇଛି । ଦୁବାଇରୁ ଭୁବନେଶ୍ୱର ଆସିଥିବା ୪ ଜଣ ଯାତ୍ରୀଙ୍କ ଠାରୁ ୩.୭୭ ଗ୍ରାମର ସୁନା ଜବତ ହୋଇଛି, ଯାହାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ ବୋଲି କେନ୍ଦ୍ରୀୟ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ ଗୁଇନ୍ଦା ସୂଚନା ଆଧାରରେ ଡିଆରଆଇ ଅଧିକାରୀମାନେ ଦୁବାଇରୁ ଭୁବନେଶ୍ୱର




ବିମାନବନ୍ଦରକୁ ଆସିଥିବା ୪ ଜଣ ଯାତ୍ରୀଙ୍କୁ ପ୍ରଥମେ ଚିହ୍ନଟ କରିଥିଲେ। ଏହି ଯାତ୍ରୀମାନେ ଗତ ୬ ତାରିଖରେ ଏଠାକୁ ଆସିଥିଲେ। ସନ୍ଦେହ ହେବାରୁ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା । ଏହି ସମୟରେ ଜଣାପଡ଼ିଥିଲା (ପୃଷ୍ଠା ୭ରେ)



# ଘରୋଇ ବଜାରରେ ଷ୍ଟାର୍ଟଅପ୍‌ର ଉଲ୍ଲେଖନୀୟ ଅଭିବୃଦ୍ଧି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କ୍ରମାଗତ ଭାବେ ଘରୋଇ ବଜାରରେ ଷ୍ଟାର୍ଟଅପ ସଂଖ୍ୟାର ଉଲ୍ଲେଖନୀୟ ଅଭିବୃଦ୍ଧି ସହିତ ସଫଳତା ମଧ୍ୟ ହାସଲ କରିଛି । ଏପରିକି ୨୦୧୪ରେ ପ୍ରାୟ ୩୫୦ ଷ୍ଟାର୍ଟଅପ୍ ୟୁନିଟ୍ ସର୍ବଭାରତୀୟସ୍ତରରେ ଥିଲାବେଳେ ବର୍ତ୍ତମାନ ଏହି ସଂଖ୍ୟା ପ୍ରାୟ ୩୦୦ଗୁଣ ବଢ଼ିଛି ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି । ଏପରିକି ସେ କହିଛନ୍ତି ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ସଂଖ୍ୟାର ଆଶାତୀତ ଭାବେ ବୃଦ୍ଧି ଘଟିଥିଲା । ବିଶେଷକରି ଗତ ଦଶ ବର୍ଷ ମଧ୍ୟରେ ଘରୋଇ ବଜାରର ଷ୍ଟାର୍ଟଅପ୍ ସଂଖ୍ୟା ପ୍ରାୟ ୩୦୦ଗୁଣ ବୃଦ୍ଧି ପାଇଛି । ଏପରିକି ବିଶ୍ୱସ୍ତରରେ ଭାରତର ସ୍ଥାନ ୩ୟ ଏବଂ ଘରୋଇ ବଜାରରେ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ରହିଛି । ସାରା ବିଶ୍ୱରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ୟୁନିକର୍ଣ୍ଣର ଘର ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।
ସେହିଭଳି ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ମୋଦି ପ୍ରଧାନମନ୍ତ୍ରୀ ଭାବେ ଦେଶର ଯୁବକମାନଙ୍କୁ ଶିକ୍ଷା ଦେବା ପାଇଁ ଏକ କଷ୍ଟଦାୟକ ତଥା ସଚେତନ ଉଦ୍ୟମ କରିଛନ୍ତି ଯେ, ନିଯୁକ୍ତି କେବଳ ସରକାରୀ ଚାକିରିରେ ସୀମିତ ନୁହେଁ ଏବଂ ସେ ଜୀବିକା ନିର୍ବାହର ନୂତନ ରାସ୍ତାକୁ ପ୍ରୋତ୍ସାହିତ କରିଛନ୍ତି, ଯାହା ସରକାରୀ ଚାକିରି ଅପେକ୍ଷା ଅଧିକ ଲାଭଜନକ ହୋଇପାରେ ବୋଲି ମନ୍ତ୍ରୀ ସିଂ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି ।
ଅପରପକ୍ଷରେ ସ୍ପେସ୍ ସେକ୍ଟର ଘରୋଇ କ୍ଷେତ୍ରକୁ ଖୋଲିବାର ପ୍ରାୟ ଚାରି ବର୍ଷ ମଧ୍ୟରେ ସ୍ପେସ୍ ଷ୍ଟାର୍ଟଅପ୍ ସଂଖ୍ୟା ଏକ ଅଙ୍କରୁ ତିନି ଅଙ୍କକୁ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନିଷ୍ପତ୍ତି ସ୍ପେସ୍, ରେଳପଥ, ସଡ଼କ, ଭିତ୍ତିଭୂମି ଏବଂ ଇଲେକ୍ଟ୍ରୋନିକ୍ସ-ଯୋଗାଯୋଗ ସମେତ ବିଭିନ୍ନ କ୍ଷେତ୍ରକୁ ଆଗେଇ ନେଇଛି । ଏପରିକି ଏହା ଭାରତର ଅର୍ଥନୀତିକୁ ୧୧ତମ ସ୍ଥାନରୁ ୫ମ ବୃହତ୍ତମ ଅର୍ଥନୀତିକୁ ସ୍ଥାନିତ କରିଛି ଏବଂ ବର୍ତ୍ତମାନ ଏହା ତୃତୀୟ ସ୍ଥାନକୁ ଆସୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ସିଂ କହିଛନ୍ତି ଯେ, ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଦାୟିତ୍ୱ ଗ୍ରହଣ କରିଥିଲେ, ସେତେବେଳେ ଭାରତ ବିଶ୍ୱର ଦଶମ ବୃହତ୍ତମ ଅର୍ଥନୀତି ଭାବେ ଛିଡ଼ା ହୋଇଥିଲା । ହେଲେ ଗତ ଦଶ ବର୍ଷରୁ କମ୍ ସମୟ ମଧ୍ୟରେ ଆମେ ୫ମ ସ୍ଥାନକୁ ଉନ୍ନୀତ ହୋଇଛୁ, ଆଶା କରୁଛି ଚଳିତ ବର୍ଷ ଏହା ୪ର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହେବ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ୩ୟ କାର୍ଯ୍ୟକାଳ ମଧ୍ୟରେ ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧ନମ୍ବର ଅର୍ଥନୀତିରେ ପରିଣତ ହେବ । ସେ ଆହୁରି କହିଛନ୍ତି ୨୦୨୪ରେ ଭାରତ ଏହାର ବୈଜ୍ଞାନିକ ତୀବ୍ରତା ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ଏକ ବୃହତ ଲମ୍ଫ ଦେବାକୁ ପ୍ରସ୍ତୁତ ହେଉଛି । ସେ କହିଛନ୍ତି ଯେ, ଭାରତ ବିଶ୍ୱର ଏକ ଅଗ୍ରଣୀ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ଉଭା ହୋଇଛି ଏବଂ ସ୍ଥିରତାର ରଣନୀତି କରିବାର ସମୟ ଆସିଛି । ସିଂ କହିଛନ୍ତି, ଅମୃତ ପିଢ଼ିର ସଶକ୍ତୀକରଣ ମାଧ୍ୟମରେ ଯୁବକମାନେ ମୋଦି ସରକାରଙ୍କ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସେ କହିଛନ୍ତି ,ସାଧାରଣ ନାଗରିକ ବିଶ୍ୱାସ କରନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଅଗ୍ରଣୀ ଅର୍ଥନୀତି ହୋଇପାରିବ ।

# ଓଡ଼ିଶାରୁ ମାୟାନଗରୀ ଲମ୍ବିଛି ରାହୁଲଙ୍କ ନିଶା କାରବାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରସ୍ଥିତ ଝାରପଡା ଜେଲ ପରିସରରୁ ଧରାପଡିଥିବା ଗଞ୍ଜେଇ ର୍‌ୟାକେଟର ମୁଖ୍ୟ ବାରିପଦାର ରାହୁଲ ସେଠୀଙ୍କ ତିନିଦିନିଆ ରିମାଣ୍ଡ ଶେଷ ହୋଇଛି । ତାଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ଶନିବାରଠାରୁ ତାଙ୍କୁ ରିମାଣ୍ଡରେ ଅଣାଯାଇଥିଲା । ତେବେ ଏହି ରିମାଣ୍ଡ ସମୟରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ତାଙ୍କ ଅପରାଧର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣିବାକୁ ପାଇଛି । ଅଭିଯୁକ୍ତ ରାହୁଲଙ୍କ ନିଶା କାରବାର ରାଜଧାନୀ ଦିଲ୍ଲୀ, ମାୟାନଗରୀ ମୁମ୍ବାଇ ସହ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ଲମ୍ବିଥିବା ଜଣାପଡିଛି । କେଉଁଠାରେ ଗଞ୍ଜେଇ ଚାଷ ହେଉଛି, କେମିତି ଚୋରା ଚାଲାଣ କରାଯାଉଛି, ତାହାର ଟିକିନିଖି ତଥ୍ୟ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ଉଖାଳିଛି ରାହୁଲ । ଗଞ୍ଜେଇ ବେପାର ପାଇଁ ପୁରୁଣା ଗାଡିକୁ ପ୍ରଥମେ କ୍ରୟ କରୁଥିଲେ । ପରେ ଏହାକୁ କୋଲକାତାରେ ମୋଡିଫାଏ କରାଯାଇ ସେଥିରେ ସ୍ୱତନ୍ତ୍ର ଗୁପ୍ତ ଚାମ୍ବର କରାଯାଉଥିଲା । ଏହାଦ୍ୱାରା ପୋଲିସଠାରୁ ବର୍ତ୍ତିବା ସହ ଗଞ୍ଜେଇ ଚୋରାଚାଲାଣରେ ବହୁ ସୁବିଧା ହେଉଥିଲା । ସେହିପରି ଏକାଧିକ ବ୍ୟକ୍ତିଙ୍କୁ ନିଜ ର୍‌ୟାକେଟରେ ସାମିଲ କରିଥିଲେ । ଏହାସହ ଅଧିକାଂଶ ଚୋରା ଚାଲାଣ ଭଡ଼ା ଗାଡ଼ିରେ ହେଉଥିଲା । ତେଣୁ ପୋଲିସ ସମସ୍ତ ଗାଡି ମାଲିକଙ୍କୁ ଚିହ୍ନଟ କରିଛି । ସେମାନେ ଜାଣତରେ ଏହି ବେଆଇନ କାରବାର ପାଇଁ ଗାଡି ଭଡ଼ାରେ ଦେଉଥିଲେ କି ଅଜାଣତରେ ପୋଲିସ ସେମାନଙ୍କୁ ଖୁବ୍‌ଶୀଘ୍ର ଡାକି ପଚରାଉଚରା କରିବା ବୋଲି ଜଣାପଡିଛି । ଅପରପକ୍ଷେ ରାହୁଲଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଓ ଅନଲାଇନ ମାଧ୍ୟମରେ ବହୁ ଟଙ୍କା କାରବାର ହେଉଥିବାର ପ୍ରମାଣ ପୋଲିସ ହାତରେ ଲାଗିଛି । ଏହାସହ ସେ ଏହି ବେଆଇନ କାରବାରରୁ ପାଉଥିବା ବିପୁଳ ଅର୍ଥରେ ତାରକା ହୋଟେଲରେ ରହିବା ସହ ବିମାନ ଯାତ୍ରା କରୁଥିବାରୁ ଏସବୁ ବାବଦକୁ କେତେ ଖର୍ଚ୍ଚ ହୋଇଛି ତାହାର ହିସାବ ପାଇଁ ଆବଶ୍ୟକ ତଥ୍ୟ ଯୋଗାଡ଼ ଚାଲିଛି । ସେହିଭଳି ଅଭିଯୁକ୍ତମାନେ ଚାଷୀଙ୍କଠାରୁ ୩ରୁ ୪ ହଜାର ଟଙ୍କାରେ ଗଞ୍ଜେଇ କିଣି ତାହାକୁ ୧୦ରୁ ୧୫ ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ତେଣୁ ଏହି ର୍‌ୟାକେଟର କେତେ ଲୋକ ରହିଛନ୍ତି, ସମସ୍ତଙ୍କୁ ଧରିବା ପାଇଁ ସ୍ପେଶାଲ କ୍ରାଇମ ୟୁନିଟ ଓଡିଶାର ବିଭିନ୍ନ ଜିଲା ପୋଲିସ, ଏନ୍‌ସିବି, ଏସ୍‌ଟିଏଫ ଏବଂ ବାହାର ରାଜ୍ୟ ପୋଲିସର ସହଯୋଗ ଲୋଡିଥିବା ସୂଚନା ମିଳିଛି । ଗତ ଫେବୃଆରୀ ୧୧ରେ ଅଭିଯୁକ୍ତମାନେ ଚିତ୍ରକୋଣ୍ଡାରୁ କାର୍‌ରେ ଗଞ୍ଜେଇ ଧରି ବ୍ରହ୍ମପୁର, ଭୁବନେଶ୍ୱର ଦେଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବାବେଳେ ଭୁବନେଶ୍ୱରରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଧରାପଡିଥିଲେ ।

# ୨୦୨୪ ନିର୍ବାଚନ: ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା, ସବୁଠୁ ଧନୀ ସଂଜୟ

**ପୁରୀ, ନ୍ୟୁଜ ବ୍ୟୁରୋ**
ମେ' ୨୫ ତାରିଖରେ ପୁରୀ ଜିଲ୍ଲାର ପ୍ରଥମ ପର୍ଯ୍ୟାୟ ମତଦାନ । ଏହି ପର୍ଯ୍ୟାୟରେ ପୁରୀ ଲୋକସଭା ଆସନ ସହ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ଆସନ ପାଇଁ ମତଦାନ ହେବ । ଗତକାଲି ଏ ନେଇ ବିଜ୍ଞପ୍ତି ଜାରି ପରେ ବିଜେଡି, ବିଜେପି, କଂଗ୍ରେସ ସହ ସ୍ୱାଧୀନ ଦଳରୁ ପ୍ରାର୍ଥୀମାନେ ନାମାଙ୍କନ ଆରମ୍ଭ କରିଛନ୍ତି । ଗତକାଲି ସୁଦ୍ଧା ୬ ପ୍ରାର୍ଥିପତ୍ର ପଡ଼ିଥିବାବେଳେ ସେଥି ମଧ୍ୟରୁ ୪ଜଣ ପ୍ରାର୍ଥୀ କୋଟିପତି ଓ ଦୁଇଜଣ ଲକ୍ଷପତି ଅଛନ୍ତି । ବ୍ୟକ୍ତିଗତ ଓ ପରିବାରର ସମ୍ପତ୍ତିକୁ ମିଶାଇଲେ ସଂଜୟ କୁମାର ଦାସବର୍ମା ଅଧିକ ସମ୍ପତ୍ତିର ମାଲିକ ହୋଇଥିବାବେଳେ ତାଙ୍କ ତଳକୁ ଅଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନିଲ । ଏହା ତଳକୁ ଅଛନ୍ତି ବିଜେପି ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ଆଶ୍ରିତ ପଟ୍ଟନାୟକ । ଲକ୍ଷପତି ତାଲିକାରେ ଦୁଇ ସ୍ୱାଧୀନ ପ୍ରାର୍ଥୀ ହରେକୃଷ୍ଣ ସିଂହାରୀ ଓ ସମ୍ବିତ ପଟ୍ଟନାୟକ ରହିଛନ୍ତି । ଅଦ୍ୟାବଧି ନାମାଙ୍କନ କରି ସାରିଥିବା ପ୍ରାର୍ଥୀଙ୍କ ଭିତରେ ସବୁଠୁ ଧନୀ ତାଲିକାରେ ରହିଛନ୍ତି ପୂର୍ବତନ ମନ୍ତ୍ରୀ ସଂଜୟ କୁମାର ଦାସବର୍ମା । ସଂଜୟଙ୍କ ବ୍ୟକ୍ତିଗତ, ପତ୍ନୀ, ପୁଅ-ଝିଅଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ସର୍ବମୋଟ ୫ କୋଟି ୩୧ଲକ୍ଷ ୧୭ହଜାର ୫୪୫ ଟଙ୍କା । ଯେଉଁଥିରୁ ସ୍ଥାବର ସମ୍ପତ୍ତିର ମୂଲ୍ୟ ୩କୋଟି ୫୫ଲକ୍ଷ ଟଙ୍କା ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨କୋଟି ୨୫ଲକ୍ଷ ୬୭ହଜାର ୫୪୫ ଟଙ୍କା । ୮ଟି ବ୍ୟାଙ୍କ ଆକାଉଣ୍ଟରେ ସଂଜୟଙ୍କ ଜମା ରାଶି ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ରହିଛି । ପତ୍ନୀଙ୍କ ୮ଟି ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୧୧ଲକ୍ଷ ଟଙ୍କା ରହିଛି । ସଂଜୟଙ୍କ ପରିବାରରେ ଥିବା ସୁନା ଅଳଙ୍କାର ମୂଲ୍ୟ ପ୍ରାୟ ୩୪ଲକ୍ଷ ଟଙ୍କା । ତେବେ ବଡ଼କଥା ହେଉଛି, ସଂଜୟ କିମ୍ବା ତାଙ୍କ ପରିବାର ଲୋକଙ୍କ ନାଁରେ କୌଣସି ଚାରି ଚକିଆ ଗାଡ଼ି ନାହିଁ । ସଂଜୟ ୨୦୦୩ ମସିହାରେ କିଣାଯାଇଥିବା ପଲସର ବାଇକ୍‌ର ମାଲିକ, ଯାହା ବର୍ତ୍ତମାନ ମୂଲ୍ୟ ପ୍ରାୟ ୨ହଜାର ଟଙ୍କା । ସଂଜୟଙ୍କ ଶିକ୍ଷାଗତ ଯୋଗ୍ୟତା ଇଂଜିନିୟରିଂ ।

# ୫୭୯ ସ୍ଥାନରେ ଜଳୁଛି ଜଙ୍ଗଲ : ବ୍ରହ୍ମପୁର, ବାରିପଦା ସର୍କଲରେ ଅଧିକ



| ସର୍କଲ | ବନାଗ୍ନି ସଂଖ୍ୟା |
|---|---|
| ବ୍ରହ୍ମପୁର | ୧୧୪ |
| ବାରିପଦା | ୯୬ |
| ଅନୁଗୁଳ | ୮୫ |
| କୋରାପୁଟ | ୮୩ |
| ରାଉରକେଲା | ୭୭ |
| ଭବାନୀପାଟଣା | ୫୦ |
| ଭୁବନେଶ୍ୱର | ୪୨ |
| ସମ୍ବଲପୁର | ୩୮ |

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗୋଟିଏ ପଟେ ଆକାଶରୁ ନିଆଁ ବର୍ଷା । ଆଉ ଅନ୍ୟପଟେ ଜଙ୍ଗଲରେ ନିଆଁ । ମଣିଷଠାରୁ ଜୀବଜନ୍ତୁଙ୍କ ପର୍ଯ୍ୟନ୍ତ, ସମସ୍ତେ ଏବେ ତ୍ରାହିତ୍ରାହି ଡାକିଲେଣି । ନିଆଁ ଯେଉଁଭଳି ଭାବେ ବଢ଼ିଚାଲିଛି ଆଗାମୀ ଦିନରେ ଜଙ୍ଗଲ ପ୍ରତି ବଡ଼ ବିପଦ ସୃଷ୍ଟି କରିଛି । ଆଜି ଦିନରେ ରାଜ୍ୟର ୫୭୯ଟି ସ୍ଥାନରେ ବନାଗ୍ନି ଚିହ୍ନଟ ହୋଇଥିବା ବେଳେ ବଡ଼ଧରଣର ବନାଗ୍ନିରେ ଓଡ଼ିଶା ପ୍ରଥମ ସ୍ଥାନରେ ପହଞ୍ଚିଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ) ରିପୋର୍ଟ ଅନୁଯାୟୀ ଅପରାହ୍ଣ ଗୋଟାଏ ସୁଦ୍ଧା ଦେଶରେ ୨୬୯ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଛି । ସେଥିମଧ୍ୟରୁ ଓଡ଼ିଶାରେ ସର୍ବାଧିକ ୫୪ଟି ବନାଗ୍ନି ରହିଥିବା ବେଳେ ଛତିଶଗଡ଼ରେ ୪୫, ଉତ୍ତରାଖଣ୍ଡରେ ୩୮, ଝାଡ଼ଖଣ୍ଡରେ ୨୫, ମଧ୍ୟପ୍ରଦେଶରେ ୨୧, ମହାରାଷ୍ଟ୍ରରେ ୧୫ଟି ସ୍ଥାନରେ ବଡ଼ଧରଣର ଜଙ୍ଗଲ ନିଆଁ ନଜରକୁ ଆସିଛି । ନିଆଁ ଲାଗିବା ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ ହେବା ସହ ଜୀବଜନ୍ତୁ ଜଙ୍ଗଲ ବାହାକୁ ଚାଲି ଆସିଥିବା ଖବର ମିଳିଛି । ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବାକୁ ଥିବାରୁ ଆହୁରି ଜଙ୍ଗଲ ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ବ୍ରହ୍ମପୁର ଓ ବାରିପଦା ସର୍କଲର ଅଧିକାଂଶ ସ୍ଥାନରେ ବନାଗ୍ନି ସୃଷ୍ଟି ହୋଇଥିବା ନଜରକୁ ଆସିଛି । ମାଲକାନଗିରି ଜିଲ୍ଲାର ବାଲିମେଳା, କୋରାପୁଟର ଜୟପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, କଳାହାଣ୍ଡିର ନର୍ଲା, ଲୋଇସିଂଗା, ଭବାନୀପାଟଣା, ମଦନପୁର ରାମପୁର, କନ୍ଧମାଳ ଜିଲ୍ଲାର ଗୁଣ୍ଡୁପୁର, ଟିକାବାଲି, କୋଟାଗଡ଼, ସିମନ୍‌ବାଡ଼ି, ସମ୍ବଲପୁର ଜିଲ୍ଲାର ଜମନକିରା, ଅନୁଗୁଳର ଛେଣ୍ଡିପଦା, ଦୁର୍ଗାପୁର, ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଗଣିଆ, କେନ୍ଦୁଝର ଜିଲ୍ଲାର ବଡବିଲ, ଚମ୍ପୁଆ, ଖୋର୍ଦ୍ଧାର ଚନ୍ଦକା, ଢେଙ୍କାନାଳ ଜିଲ୍ଲାର କପିଳାସ, ମୟୂରଭଞ୍ଜ ଜିଲ୍ଲାର ସା ?ତକୋଶିଆ, ରାଇରଙ୍ଗପୁର, ପିଠାବଟା, ବେତନଟି, ବାଙ୍ଗିରିପୋଷି ପ୍ରଭୃତି ଅଞ୍ଚଳରେ ଜଙ୍ଗଲ ଜଳୁଥିବାର ଚିତ୍ର ସାମ୍ନାକୁ ଆସିଛି । ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମ ଫଳରେ କିଛି ଜିଲ୍ଲାରେ ନିଆଁକୁ ଆୟତ କରାଯାଇଛି । ତଥାପି ରାତି ସୁଦ୍ଧା ୩୦ରୁ ଅଧିକ ସ୍ଥାନରେ ନିଆଁ ଲିଭି ନ ଥିବା ଜଣାପଡ଼ିଛି । ଯେଉଁ ୫୭୯ଟି ସ୍ଥାନରେ ନିଆଁ ଚିହ୍ନଟ ହୋଇଛି ସେଥିମଧ୍ୟରୁ ଅନୁଗୁଳ ସର୍କଲ ଅଧୀନ ଅନୁଗୁଳ, ବୌଦ୍ଧ, ନୟାଗଡ଼, କଟକ, ଢେଙ୍କାନାଳ, ଯାଜପୁର ଜିଲ୍ଲାରେ ଜଙ୍ଗଲ ନିଆଁ ରହିଛି । ବାରିପଦା ସର୍କଲର ୯୬ଟି ସ୍ଥାନରେ ବନାଗ୍ନି ରହିଛି । ଏହି ସର୍କଲ ଅଧୀନ ମୟୂରଭଞ୍ଜ ଜିଲ୍ଲାରେ ୬୦ରୁ ଅଧିକ ସ୍ଥାନରେ ନିଆଁର ପ୍ରକୋପ ରହିଛି । ବହେରିପାଣି, ପିଠାବଟା, ବାଦାମପୁର ପ୍ରଭୃତି ବିଟ୍‌ରେ ନିଆଁ ଲାଗିଛି । ବ୍ରହ୍ମପୁର ସର୍କଲର କନ୍ଧମାଳ ଜିଲ୍ଲାରେ ୭୦ରୁ ଅଧିକ ସ୍ଥାନରେ ଜଙ୍ଗଲ ନିଆଁ ରହିଛି । ଭବାନୀପାଟଣା ସର୍କଲ ଅଧୀନ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୋନପୁର ଜିଲ୍ଲା, ଭୁବନେଶ୍ୱର ସର୍କଲର ନୟାଗଡ଼ ଜିଲ୍ଲାର ୨୯ଟି ସ୍ଥାନରେ ବନାଗ୍ନି ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ୧୦ରୁ ଅଧିକ, କୋରାପୁଟ ସର୍କଲ ଅଧୀନ ମାଲକାନଗିରି, ରାୟଗଡ଼ା, କୋରାପୁଟ ଜିଲ୍ଲା, ରାଉରକେଲା ସର୍କଲର ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାର ୭୭ଟି ଓ ସମ୍ବଲପୁର ସର୍କଲର ମାତ୍ର ୩୮ଟି ସ୍ଥାନରେ ଛୋଟ ଓ ମଧ୍ୟମଧରଣର ବନାଗ୍ନି ରହିଥିବା ଜଣାପଡ଼ିଛି ।

# ସାଇବର ଠକଙ୍କ ଟାର୍ଗେଟ୍‌ରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ମହିଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାଇବର ଠକଙ୍କ ଅନ୍ୟତମ ଅସ୍ତ୍ର ହେଉଛି ମ୍ୟୁଲ୍ ଆକାଉଣ୍ଟ । ଏଭଳି ଆକାଉଣ୍ଟରେ କେତେବେଳେ, କେତେ ଟଙ୍କା, କିଏ କାହାକୁ ଦେଣନେଣ କରୁଛି, ସେସବୁ ଆକାଉଣ୍ଟଧାରୀ ଜାଣିବାର ଅବକାଶ ନଥାଏ । ଆକାଉଣ୍ଟକୁ ଅନ୍ୟ ଜଣେ ପରିଚାଳନା କରୁଥାଏ । ଆକାଉଣ୍ଟଧାରୀଙ୍କୁ ମାତ୍ର କିଛି ଟଙ୍କା କମିସନ ମିଳୁଥାଏ । ଏଭଳି ଆକାଉଣ୍ଟକୁ ଅସ୍ତ୍ର ଭାବେ ବ୍ୟବହାର କରି ସାଇବର ଠକମାନେ ଲୁଟ୍ କରନ୍ତି ଏବଂ ଲୁଟ୍ ଅର୍ଥକୁ ୧୦-୧୨ ମ୍ୟୁଲ୍ ଆକାଉଣ୍ଟ ଜରିଆରେ ସ୍ଥାନାନ୍ତର କରି ହଡ଼ପ କରିନିଅନ୍ତି । ଏଭଳି ଆକାଉଣ୍ଟ ଏବେ ପୁଲିସ ପାଇଁ ଚିନ୍ତାର କାରଣ । 'କାଉ ଖାଇବ ପଣସ, ବଗ ମୁଣ୍ଡରେ ଅଠା' ଭଳି ସାଇବର ଠକ ରାକେଟ୍ କୋଟିକୋଟି ଟଙ୍କା ହଡ଼ପ କରନ୍ତି ଏବଂ ପ୍ରକୃତ ଆକାଉଣ୍ଟଧାରୀ ମାତ୍ର ୫-୭ ହଜାର ଟଙ୍କା ପାଇ ଶେଷରେ ବନ୍ଧାହୋଇ ଜେଲ୍ ଯାଏ । କ୍ରାଇମ୍‌ବ୍ରାଞ୍ଚ, କମିସନରଟ୍ ପୁଲିସ ଓ ସାଇବର ଥାନା ପୁଲିସ ୫୦ରୁ ଅଧିକ ମାମଲାରେ ୮ ହଜାରରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ଠାବ କରିଛନ୍ତି । ଏହି ଆକାଉଣ୍ଟ ମାଧ୍ୟମରେ ୩,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ କାରବାର ହୋଇଥିବା ଜଣାପଡ଼ିଛି । ମୋଟାମୋଟି ଭାବେ ସାଇବର ଲୁଟେରାମାନେ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ୩,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଚୂନ ଲଗାଇଛନ୍ତି । ପୁଣି ଆଶ୍ଚର୍ଯ୍ୟର କଥା, ଯେତିକି ମ୍ୟୁଲ୍ ଆକାଉଣ୍ଟ ଠାବ କରାଯାଇଛି, ତା'ଠାରୁ ବହୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ବଜାରରେ ବୁଲୁଛି । ଆଗକୁ କିଭଳି ଏଭଳି ଆକାଉଣ୍ଟ ଉପରେ ଅଙ୍କୁଶ ଲଗାଯିବ, ତାହା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।
ମ୍ୟୁଲ୍ ଆକାଉଣ୍ଟ ପାଇଁ ସାଇବର ଠକ ରାକେଟ୍ ଲୋକଙ୍କୁ ମାସିକ ୧୫ରୁ ୨୦ହଜାର ଟଙ୍କା ଦରମା ଦେଇ ଏଜେଣ୍ଟ ନିଯୁକ୍ତ କରିଛନ୍ତି । ସେମାନେ ବିଭିନ୍ନ ରାଜ୍ୟକୁ ଯାଇ ନୂଆ ଏଜେଣ୍ଟ ସୃଷ୍ଟି କରୁଛନ୍ତି । ସେମାନେ କିଭଳି ଜାଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ, ସେ ବିଷୟରେ ତାଲିମ୍ ଦିଆଯାଉଛି । ବିଶେଷକରି ଗ୍ରାମାଞ୍ଚଳର ଦୁର୍ବଳ ଶ୍ରେଣୀ, କମ୍‌ପାଠ ପଢ଼ିଥିବା ଲୋକ ଓ ମହିଳାଙ୍କୁ ଟାର୍ଗେଟ କରୁଛନ୍ତି । ଘରେ ବସି ବିନା ପୁଞ୍ଜିନିବେଶରେ କିଭଳି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ, ସେମାନଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି । ସରକାରୀ ଯୋଜନା ମାଧ୍ୟମରେ ଟଙ୍କା ପାଇବେ ବୋଲି କହି ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଛନ୍ତି । ଫସାଇବା ପରେ ସେମାନଙ୍କ ଆଧାର କାର୍ଡ, ପାନ୍ କାର୍ଡ ଆଦି ହାତେଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଛନ୍ତି । ସେହିଭଳି ପରିଚୟପତ୍ରକୁ ବ୍ୟବହାର କରି ସେମାନଙ୍କ ନାଁରେ ସିମ୍ କିଣୁଛନ୍ତି । ପ୍ରତି ଆକାଉଣ୍ଟ ଖୋଲିବା ପାଇଁ ଲୋକଙ୍କୁ ସ୍ୱଳ୍ପ ହାତଗୁଞ୍ଜା ଦେଉଛନ୍ତି । ଆକାଉଣ୍ଟଗୁଡ଼ିକରେ ଠକମାନେ ଲୋକଙ୍କ ପରିଚୟପତ୍ର ଦେଇ ଆଣିଥିବା ମୋବାଇଲ୍ ନମ୍ବରକୁ ବ୍ୟବହାର କରି ପାସ୍‌ୱାର୍ଡ ହାତେଇ ନେଉଛନ୍ତି ଏବଂ ଆର୍ଥିକ କାରବାରର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖୁଛନ୍ତି ।

# ଆଇସିୟୁ, ଓଟିରେ ଚୁଡ଼ି ଓ ମୁଦି ପିନ୍ଧିପାରିବେ ନାହିଁ ସ୍ୱାସ୍ଥ୍ୟକର୍ମୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଇସିୟୁ, ଏଚ୍‌ଡିୟୁ, ଓଟି(ଅସ୍ତ୍ରୋପଚାର ଗୃହ) ଓ ଅସ୍ତ୍ରୋପଚାର ପରବର୍ତ୍ତୀ ୱାର୍ଡରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ କହୁଣି ତଳେ କୌଣସି ଜିନିଷ ପିନ୍ଧିପାରିବେ ନାହିଁ । ସଂକ୍ରମଣ ନିୟନ୍ତ୍ରଣ ସାଙ୍ଗକୁ ପରିମଳ ଓ ରୋଗୀଙ୍କ ସ୍ୱାସ୍ଥ୍ୟ ଯତ୍ନକୁ ନଜରରେ ରଖି ଏଭଳି ପଦକ୍ଷେପ ନିଆଯାଉ । ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ କେନ୍ଦ୍ରୀୟ ଡାକ୍ତରଖାନାମାନଙ୍କୁ ଏଭଳି ପତ୍ର ଲେଖିଛନ୍ତି । ତେଣୁ ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ଡାକ୍ତରଖାନାମାନେ ମଧ୍ୟ ସଂକ୍ରମଣ ରୋକିବା ଲାଗି ଏଭଳି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।
କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କହିବା କଥା, ଡ୍ୟୁଟିରେ ଥିବା ସ୍ୱାସ୍ଥ୍ୟ କର୍ମୀ କହୁଣି ତଳେ ମୁଦି, ଚୁଡ଼ି, ବ୍ରେସଲେଟ୍, ଧାର୍ମିକ ସୂତା ଓ ହାତଘଣ୍ଟା ପିନ୍ଧିପାରିବେ ନାହିଁ । ଏହାସହ ଆଇସିୟୁ, ଏଚ୍‌ଡିୟୁ, ଓଟିରେ ମୋବାଇଲ ଫୋନ୍‌ର ବ୍ୟବହାରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପଡ଼ିବ । ରୋଗୀଙ୍କ ସ୍ୱାସ୍ଥ୍ୟ ଓ ସଂକ୍ରମଣ ନିୟନ୍ତ୍ରଣକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ । ଏପରିକି ଯେଉଁଠି ହାତଘଣ୍ଟାକୁ ଅନୁମତି ରହିଛି ସେଠାରେ ଆବଶ୍ୟକସ୍ଥଳେ ଏସ୍‌ଓପିରେ ପରିବର୍ତ୍ତନ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ଏଭଳି ନିୟମ ପୂର୍ବରୁ ରହିଛି । କେନ୍ଦ୍ର ସରକାର ଏହାକୁ ଆଉଥରେ ଦୋହରାଇଛନ୍ତି । 'କାୟାକଳ୍ପ' ଆରମ୍ଭ ହେବା ପରଠାରୁ ଏଥିରେ ହସ୍ପିଟାଲରେ ସଂକ୍ରମଣ ନିୟନ୍ତ୍ରଣ ନେଇ କ'ଣ କ'ଣ କରିବାକୁ ହେବ ତାହା ଉପରେ ନିର୍ଦ୍ଦେଶାବଳୀ ଜାରି ହୋଇଛି । ତେଣୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏହା ଉପରେ ସଚେତନ ମଧ୍ୟ କରାଯାଉଥିବା ଡା.ମହାପାତ୍ର କହିଛନ୍ତି ।

# ରାଜ୍ୟକୁ ଔଷଧୀୟ ମଶାରୀ ଦେବାରେ କେନ୍ଦ୍ରର ବିଳମ୍ବ : ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟକୁ ଔଷଧୀୟ ମଶାରୀ ଦେବାରେ କେନ୍ଦ୍ର ସରକାର ବିଳମ୍ବ ଘଟାଉଛି । ଦେଢ଼ କୋଟି ଔଷଧୀୟ ମଶାରୀ ପାଇଁ କେନ୍ଦ୍ରକୁ ଚିଠି ଲେଖିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ରାଜ୍ୟରେ ଡେଙ୍ଗୁ, ମ୍ୟାଲେରିଆ, ଚିକେନଗୁନିଆ ଆତଙ୍କ ବଢ଼ିଥିବା ବେଳେ କେନ୍ଦ୍ର ପକ୍ଷରୁ ଔଷଧୀୟ ମଶାରୀର ଅଭାବ ଦେଖାଦେଇଛି । ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଛି । ଏନେଇ ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି । କେନ୍ଦ୍ର ସରକାର ୨୦୨୦-୨୧ ମସିହାରେ ଓଡ଼ିଶାକୁ ୧.୫୬ କୋଟି ଔଷଧୀୟ ମଶାରୀ ଯୋଗାଇ ଦେଇଥିଲା । ଏହାଦ୍ୱାରା ଅତ୍ୟାଧିକ ଅସୁରକ୍ଷିତ ଲୋକଙ୍କୁ ମ୍ୟାଲେରିଆ ସଂକ୍ରମଣରୁ ରକ୍ଷା କରାଯାଇ ରାଜ୍ୟରେ ମ୍ୟାଲେରିଆ ମାମଲାରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା । ଔଷଧୀୟ ମଶାରୀର ଫଳପ୍ରଦତା ମାତ୍ର ୩ ବର୍ଷ ପାଇଁ କୁହାଯାଇଥିଲା । ଅର୍ଥାତ ୨୦୨୩ ମସିହାରେ ଏହି ଔଷଧୀୟ ମଶାରୀ ଗୁଡିକ ସରକାରଙ୍କ ଦ୍ୱାରା ଏହାକୁ ବଦଳି ହେବାର ଥିଲା । କିନ୍ତୁ ମଶାରୀ ଅଭାବ କାରଣରୁ ଏହାକୁ ବଦଳାଇ ଦିଆଯାଇନାହିଁ । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅସନ୍ତୋଷ ଜାହିର କରିବା ସହିତ ଓଡ଼ିଶାକୁ ତୁରନ୍ତ ୧.୫୬ କୋଟି ଔଷଧୀୟ ମଶାରୀ ଯୋଗାଣ ପାଇଁ ଅନୁରୋଧ କରାଯାଇଛି । ଏଭଳି ପରିସ୍ଥିତିରେ ମ୍ୟାଲେରିଆ ମାମଲା ବୃଦ୍ଧିକୁ ରୋକାଯାଇପାରିବ ।
ସୂଚନା ଅନୁଯାୟୀ, ବର୍ତ୍ତମାନ ଠାରୁ ଔଷଧୀୟ ମଶାରୀ ବଣ୍ଟନ ଆରମ୍ଭ ହୋଇଛି । ଏହା ଦ୍ୱାରା ବର୍ଷା ଋତୁ ସମୟରେ ମ୍ୟାଲେରିଆ, ଡେଙ୍ଗୁକୁ ନିୟନ୍ତ୍ରଣ କରାଯାଇପାରିବ । କେଉଁ ଜିଲ୍ଲାକୁ କେତେ ମାତ୍ରାରେ ମଶାରୀ ଦିଆଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ତେବେ ଏହି ଔଷଧୀୟ ମଶାରୀରେ ଏକ ସ୍ୱତନ୍ତ୍ର ପ୍ରକାରର ଔଷଧ ଛିଞ୍ଚନ କରାଯାଇଥାଏ । ଯାହା ଫଳରେ ମଶାମାନେ ମଶାରୀରରେ ବସିବା ମାତ୍ରେ ମରିଯାଇଥାଏ । ତେବେ ଏହି ମଶାରୀର ଅବଧି ରହିଛି କେବଳ ୩ ବର୍ଷ । ୨୦୧୬ ମସିହାରେ ପାଖାପାଖି ୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ କରାଯାଇଥିବା ବେଳେ ୨୦୨୨ ବେଳକୁ ଏହାର ସଂଖ୍ୟା ୭ ହଜାରକୁ ଖସି ଆସିଥିଲା । ବିଶେଷ କରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବୌଦ୍ଧ ଏବଂ ଫୁଲବାଣୀ ଭଳି ଜିଲ୍ଲା ଗୁଡିକରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିଲା । ଏହା ସହ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ଦମନ କାର୍ଯ୍ୟକ୍ରମ ଦ୍ୱାରା ଅନେକ ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣରେ ସହଯୋଗ କରିପାରିଛି ।

## ଭୁବନେଶ୍ୱରର ବ୍ୟସ୍ତ ବହୁଳ ଛକରେ ହେଇଛି ଛାଉଣୀର ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖରାରୁ ରକ୍ଷା ପାଇଁ ଭୁବନେଶ୍ୱରର ବ୍ୟସ୍ତ ବହୁଳ ଛକରେ ହେଇଛି ଛାଉଣୀର ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ବ୍ୟସ୍ତ ବହୁଳ ଛକ ପାଇଁ ଏହି ଯୋଜନା କରୁଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ନାଲକୋ ଛକରେ ମଧ୍ୟ ଛାଉଣୀର ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଛକରେ ଏହି ବ୍ୟବସ୍ଥା କରିବା ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଛି । ଭୁବନେଶ୍ୱରରେ ତାପମାତ୍ରା ୪୫ ଡିଗ୍ରି ଛୁଇଁଥିବା ବେଳେ କେମିତି ଯେଉଁମାନେ ରାସ୍ତାରେ ଯାଉଛନ୍ତି ଯାତ୍ରୀ ସେମାନେ ଖରାରୁ ରକ୍ଷା ପାଇବେ ସେଥିପାଇଁ ଏଇଭଳି ବ୍ୟବସ୍ଥା କରାଯାଇଛି । ଆଗାମୀ ୨ ରୁ ୩ ଦିନ ଭିତରେ ଯେଉଁ ଯେଉଁ ଟ୍ରାଫିକରେ ଅଧିକ ସମୟ ରହିବାକୁ ପଡୁଛି ସେଇ ସମସ୍ତ ଟ୍ରାଫିକରେ ଏହି ବ୍ୟବସ୍ଥା କରାଯିବ ।

# ଜଙ୍ଗଲୀ ଆଳୁରେ ବଞ୍ଚୁଛି ଜୁଆଙ୍ଗ ଜୀବନ



**କାଳିଆପାଣି, ନ୍ୟୁଜ ବ୍ୟୁରୋ**
ସୁକିନ୍ଦା ବ୍ଲକ୍‌ର ଜୁଆଙ୍ଗ ସଂପ୍ରଦାୟର ଖାଦ୍ୟାଭ୍ୟାସକୁ ନେଇ ସବୁବେଳେ ଚର୍ଚ୍ଚା । ଜୁଆଙ୍ଗମାନଙ୍କ ଭାତ ସହ ଲୁଣ ଓ ଶାଗ ମୁଖ୍ୟ ଭୋଜନ ହୋଇଥିଲେ ହେଁ ୪ ରୁ ୫ ମାସ ଜଙ୍ଗଲୀ ଆଳୁ ସେମାନଙ୍କ ପେଟ ପୂରାଇଥାଏ । ଡିସେମ୍ବର ମାସରୁ ଏପ୍ରିଲ ପର୍ଯ୍ୟନ୍ତ ଦୈନନ୍ଦିନ ଖାଦ୍ୟରେ ଚାଉଳ ବଦଳରେ ଆଳୁକୁ ପ୍ରାଧାନ୍ୟ ଦିଅନ୍ତି । ନଗଡ଼ା ଅଞ୍ଚଳରେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଆଳୁ ମିଳିଥାଏ । ସବୁ ଆଳୁଗଛ ଲତାଜାତୀୟ । ସ୍ୱାଦ ଓ ଆକାରକୁ ନେଇ ଜୁଆଙ୍ଗ ଭାଷାରେ ଆଳୁର ପ୍ରକାର ଭେଦ ରହିଛି । ଏସବୁ ହେଲା ଡିମଂ (ତୁଙ୍ଗା), ସଇଡ଼ା (ସଇଙ୍ଗା), ବାୟଂ (ବଇଙ୍ଗା), କାଲୁଂ (କଣ୍ଟାଳୁ), କାନେୟାଂ (ମଣ୍ଡେଇ), ଜରଇ (ପାଣିଆଳୁ) ଓ ବାସାଂ(ପିତାଳୁ) । ଗଛରୁ ପତ୍ରଝଡ଼ା ପରେ ଜଙ୍ଗଲର ମାଡ଼ିଥିବା ଶୁଖିଲା ଲତାକୁ ଲକ୍ଷ୍ୟ କରି ଆଳୁଗଛର ମୂଳ ଚିହ୍ନଟ ପରେ ଏହାକୁ ଖୋଳା ଯାଇଥାଏ । ଡିସେମ୍ବର ମାସରୁ ବର୍ଷା ଆରମ୍ଭ ପର୍ଯ୍ୟନ୍ତ ଜୁଆଙ୍ଗମାନେ ଆଳୁ ସଂଗ୍ରହ କରିଥାନ୍ତି । ଆଳୁ ଖୋଳିବା ପାଇଁ ସବୁ ଜୁଆଙ୍ଗ ଘରେ ସ୍ୱତନ୍ତ୍ର ଖନନ ଉପକରଣ(ବୁଲୁକ୍) ଥାଏ । ଲୁହା ରଡ଼କୁ ମୁନିଆ କରାଯାଇ ଏଥିରେ ଏକ କାଠ ବେଣ୍ଟ ଖଞ୍ଜି ବୁଲୁକ୍ ପ୍ରସ୍ତୁତ କରାଯାଏ । ଜଙ୍ଗଲୀ ଆଳୁରେ ୯୦ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଏହାକୁ ଅଧିକ ଦିନ ଧରି ସଂରକ୍ଷିତ କରି ରଖିବା ସମ୍ଭବ ହୁଏନି । ଖୋଳିବା ପରେ ଅତିବେଶୀରେ ଏହା ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟ ଉପଯୋଗୀ ହୋଇଥାଏ । ଏହାକୁ ସିଝାଇ କିମ୍ବା ପୋଡ଼ିକରି ଖିଆ ଯାଇଥାଏ । ଜଙ୍ଗଲରେ ଆଳୁ ମିଳୁଥିବା ବେଳେ ଜୁଆଙ୍ଗମାନେ ଭାତ ଭୁଲି ଯାଇଥାନ୍ତି । ସକାଳ ଓ ସଞ୍ଜରେ ବିଭିନ୍ନ ଆଳୁ ଖାଇଥାନ୍ତି । ସଂଗୃହୀତ ବିଭିନ୍ନ ଆଳୁ ମଧ୍ୟରେ କାନେୟାଂ ବା ମଣ୍ଡେଇ ସବୁଠୁ ସ୍ୱାଦିଷ୍ଟ ।
ମହିଳାମାନେ ଜଙ୍ଗଲ ବୁଲିବୁଲି ଦୈନିକ ଜଣପିଛା ୫ ରୁ ୮ କିଲୋ ପର୍ଯ୍ୟନ୍ତ ଆଳୁ ସଂଗ୍ରହ କରିଥାନ୍ତି । ଆଳୁର ପ୍ରକାରକୁ ନେଇ ସକାଳ ଓ ରାତ୍ରଭୋଜନ ସ୍ଥିର ହୋଇଥାଏ । ଏସବୁ ବେଶ୍ ସୁଆଦିଆ ବୋଲି ମୁଣ୍ଡରେ ଆଳୁ ଭାର ବୋହି ଘରକୁ ଫେରୁଥିବା ଉପର ନଗଡ଼ାର ୨ ବୃଦ୍ଧା ଗୁଲୁରି ପ୍ରଧାନ ଓ ଖଇରି ପ୍ରଧାନ, ଶିଶୁପୁତ୍ର ଅଭିକୁ କୋଳର ଧରିଥିବା ଅଙ୍ଗନବାଡ଼ି କର୍ମୀ କମଳା ପ୍ରଧାନ, ସୁଲ ପ୍ରଧାନ, ମୁରି ପ୍ରଧାନ, ନାବାଳିକା ପଦ୍ମଜା ପ୍ରଧାନ ଓ ମୁନି ପ୍ରଧାନ କହିଥିଲେ । ସେହିପରି ମାଟି ଖୋଳି ଗଣ୍ଡିଲିରେ ମଣ୍ଡେଇ ସଂଗ୍ରହକରି ତଳନଗଡ଼ାର ଦମ୍ପତି ସୁନିମତି ଓ ରବି ପ୍ରଧାନ ଘର ଫେରୁଥିଲେ । ଅଧିକାଂଶ ଜନଜାତି ଓ ଆଦିବାସୀ ଜଙ୍ଗଲୀ ଆଳୁକୁ ବିକଳ୍ପ ଭୋଜନ ଭାବେ ଗ୍ରହଣ କରିଆସିଥିବା ଦୃଷ୍ଟାନ୍ତ ରହିଛି । ଅନୁକୂଳ ଋତୁରେ ଆଳୁ ଆଗ, ଭାତ ପଛ ବୋଲି ଉପରନଗଡ଼ା ମୁଖିଆ କାମ ପ୍ରଧାନ କହନ୍ତି । ପାହାଡ଼ି ଇଲାକାରୁ ସଂଗୃହୀତ ବିଭିନ୍ନ ପ୍ରକାର ଜଙ୍ଗଲୀ ଆଳୁ ଉପରେ ସେମାନଙ୍କ ଜୀବନଧାରା ଯୋଡ଼ିହୋଇଛି ବୋଲି ଗୁହିଆଶାଳ ଗାଁ ମୁଖିଆ ଠେଙ୍ଗେଣିଆ ପ୍ରଧାନ କହିଛନ୍ତି । ଆଳୁ ଆମକୁ ପାଖାପାଖି ଅଧାବର୍ଷ ଚଳାଇନିଏ ବୋଲି ନଗଡ଼ା ଗାଁର ସବୁଠୁ ବୟସ୍କା ଜୁଆଙ୍ଗ ମହିଳା ଚମ୍ପା ପ୍ରଧାନ କହନ୍ତି । ଅଧିକାଂଶ ଜଙ୍ଗଲୀ ଆଳୁ ଭିଟାମିନଯୁକ୍ତ ବୋଲି ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ଚୈତନ୍ୟ ମାର୍ଣ୍ଡି କହନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ମଇ ୨୦୨୪ ଗୁରୁବାର





# ହଜାର ହଜାର ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲକଲେ ଜଗନ୍ନାଥ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାଏକ ସୋମବାର ଦିନ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । କେନ୍ଦୁଝରଗଡ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ସାମ୍ନା ରାସ୍ତାରୁ ଏକ ସୁସଜ୍ଜିତ ଗାଡିରେ ହଜାର ହଜାର ଦଳୀୟ କର୍ମୀ ଏବଂ ଜିଲ୍ଲା ନେତୃବର୍ଗଙ୍କ ଗହଣରେ ଶ୍ରୀ ନାଏକଙ୍କ ପ୍ରାର୍ଥି ପତ୍ର ଦାଖଲ ଅଭିଯାନ ଆରମ୍ଭ ହୋଇଥିଲା । ପାରମ୍ପାରିକ ବାଦ୍ୟ ନୃତ୍ୟ ସାଙ୍ଗକୁ ବିଜେଡିର ଜୟଧ୍ୱନୀ ଶୋଭାଯାତ୍ରାକୁ କରିଥିଲା ମୁଖରିତ । ବାଟରେ ଥାନାଛକସ୍ଥ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ନାଏକ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚିଥିଲା । ଏହି ଅଭିଯାନରେ, ସଦର ବିଧାୟିକା ପ୍ରାର୍ଥିନୀ ମୀନା ମାଝୀ, ତେଲକୋଇ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଜିଲ୍ଲାପରିଷଦ ଅଧକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ ଉପନଗରପାଳ ବରଦା ପ୍ରସନ୍ନ ଦାସ, ପୂର୍ବତନ ବିଧାୟକ କାହ୍ନୁ ଚରଣ ନାଏକ, ଅନୁସୂଚୀତ ଜାତିସେଲ୍‌ର ସଭାପତି ଭରତଚନ୍ଦ୍ର ପାତ୍ର, କୃଷକ ସେଲ୍‌ର ସଭାପତି ଦୀପକ ରାଜ, ଯୁବନେତା ସୂର୍ଯ୍ୟନାରାୟଣ କର, ଦେବୁ ପଟ୍ଟନାୟକ, କୈଳାଶ ନାଏକ, ବଡବିଲ ନଗରପାଳ ଲକ୍ଷ୍ମଣ ମହାନ୍ତ, ପାଟଣା ନିର୍ବାଚନ ପର୍ଯ୍ୟବେକ୍ଷକ ହିରଣ ଚୌଧୁରୀ, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ଜିଲ୍ଲାର ବହୁ ଦଳୀୟ ସରପଞ୍ଚ, ସମିତି ସଭ୍ୟ, ଯୋଗଦେଇଥିଲେ । ଶ୍ରୀ ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# କୁଚିଣ୍ଡାରେ ବିଜେପିର ଶକ୍ତି ପ୍ରଦର୍ଶନ:ରବିନାରାୟଣଙ୍କ ପ୍ରାର୍ଥିପତ୍ର ଦାଖଲ



**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଧାନସଭା ପାଇଁ ସୋମବାର ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରଥମେ ବିଧାୟକ ପ୍ରାର୍ଥୀ ନାଏକ ଓ ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ପ୍ରଧାନ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଯାଇ ଆଶୀର୍ବାଦ ନେଇଥିଲେ । ଉଭୟ ନେତା ସହସ୍ରାଧିକ କର୍ମୀ ଓ ସମର୍ଥକ ଗହଣରେ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପରେ ଭାଜପା ବିଧାୟକ ପ୍ରାର୍ଥୀ ନାଏକ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ଠାରେ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ଦାଖଲ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରସ୍ତାବକ ରମେଶ ସାହୁ, ଦୁଲାଲ ଚନ୍ଦ୍ର ପ୍ରଧାନ, ରଞ୍ଜନ ମହାପାତ୍ର, ଶୈଳେନ୍ଦ୍ର ନାଏକ, ସଚ୍ଚିଦାନନ୍ଦ ଶର୍ମା, ପିଙ୍କୁ ପାଣି, ଭାଜପା ଜିଲ୍ଲା ଉପସଭାପତି ବୀରେନ୍ଦ୍ର ଚୌଧୁରୀ, ମହେଶ ରାୟ, ରଞ୍ଜିତ ଶର୍ମା, ରାଣା ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ । କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସିର ହଜାର ହଜାର ସଂଖ୍ୟକ ମହିଳା ପୁରୁଷ କର୍ମୀ ଓ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇ ତାଙ୍କର ପ୍ରିୟ ନେତା ରବି ନାରାୟଣ ନାଏକ ଓ ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମର୍ଥନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଶୁଶିଳ କର, ସମ୍ପାଦକ ବିଭୁତି କଲ୍ୟାଣ ପଟେଲ, ମହିଳା ନେତ୍ରୀ ଅନୁପମା ନାୟକ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୂରୁଆ, ଉପାଧକ୍ଷ ସଞ୍ଜୟ ଦାସ, କୁଚିଣ୍ଡା ବ୍ଲକ ଉପାଧକ୍ଷା ରଶ୍ମିତା ନାଏକ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷା ପୁଷ୍ପାଞ୍ଜଳୀ ଧୂରୁଆ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମମତା ପଟେଲ ଓ ଲିଲିମା କାଲୋ, ଏନଏସି ସଭାପତି କାହ୍ନୁଚରଣ ନାୟକ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ସୁନୀଲ ଦାସ, ନରେଶ ସିଂ ଠାକୁର, ଦୁଷ୍ମନ୍ତ ନାୟକ, ଆମୋଘ ପାଣିଗ୍ରାହୀ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ବିବେକ ରାୟ, ଚିତ୍ତରଞ୍ଜନ ଭୋଇ, ଗୋକୁଳାନନ୍ଦ ଦାନୀଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ, ଭାଜପା କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ ।

# କାଳବୈଶାଖୀ ପ୍ରଭାବ:ବଜ୍ରପାତରେ ୯ ଗୋରୁଙ୍କ ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଜନଜୀବନ ପ୍ରଭାବିତ ହୋଇଛି । ଦାରିଙ୍ଗବାଡି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତ ସିକପାଟା ଛକ ନିକଟ ଏକ ଆମ୍ବ ଗଛ ତଳେ ଗୋରୁମାନେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ଘଟି ୯ ଗୋରୁଙ୍କ ଜୀବନ ଚାଲିଯାଇଛି । ମିଳିଥିବା ସୂଚନା ମୁତାବକ, ସରାମୁଳି ପଞ୍ଚାୟତ ଗୁଡ୍ରିଗାଁର ଗୋରୁଗାଇ ଚରିବାକୁ ସିକପାଟା ଛକ ଅଞ୍ଚଳରେ ବୁଲୁଥିଲେ । ସେତିକିବେଳେ ହଠାତ୍ ପବନ ବୋହିବା ସହ ବର୍ଷା ହୋଇ ବଜ୍ରପାତ ଘଟିଥିଲା । ଫଳରେ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିବା ୯ ଗୋରୁଙ୍କ ମୃତ୍ୟୁ ଘଟିଥିଲା । ପ୍ରକାଶ ଯେ , ଗୁଡ୍ରିଗାଁର ଲଙ୍କେଶ୍ୱର ଦାରାମାଝୀଙ୍କ ଗୋଟିଏ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଲାଜର ମାଝିଙ୍କ ୩ଟି, ଯୋହନ ମାଝୀଙ୍କ ୨ଟି, ରାଜେନ୍ଦ୍ର ଦାରାମାଝିଙ୍କ ଗୋଟିଏ, ଯାକବ ମାଝିଙ୍କ ଗୋଟିଏ ଏବଂ ମାନସ ମାଝିଙ୍କ ଗୋଟିଏ ଗୋରୁଙ୍କ ମୃତ୍ୟୁ ଘଟିଛି । ଖବରପାଇ ୧୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଦୀପିକା ମୁଠାମାଝି ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ । ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ସାହାଯ୍ୟ ପ୍ରଦାନ କରିବା ପାଇଁ ଦାବି ହେଉଛି ।



# ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ମଙ୍ଗଳବାର ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲପାଠାଗାର ଠାରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରି କହିଥିଲେ ଯେ ରାଷ୍ଟ୍ରଗୀତର ରଚୟିତା ଓ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କୁ ଗୁରୁଦେବ ନାମରେ ସମସ୍ତେ ଜାଣନ୍ତି । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରି ଜଣେ କବି, ସଙ୍ଗୀତକାର, ନାଟ୍ୟକାର, ଗଳ୍ପକାର ସର୍ବୋପରି ସାହିତ୍ୟର ବିଭିନ୍ନ ବିଭାଗରେ ଅତ୍ୟନ୍ତ ନିପୁଣ ଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱର୍ଗତ ଟାଗୋର ୧୯୧୩ ମସିହାରେ ତାଙ୍କ କାବ୍ୟ ରଚନା ଗୀତାଞ୍ଜଳି ପାଇଁ ନୋବେଲ ପୁରସ୍କାର ପାଇଥିଲେ ଓ ଏପରି ପୁରସ୍କାର ପାଇବାରେ ସେ ଥିଲେ ପ୍ରଥମ ଭାରତୀୟ । ସେହିପରି ସମ୍ମାନନୀୟ ଅତିଥିଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ସ୍ୱର୍ଗତ ଟାଗୋର ୧୯୦୧ରେ ପଶ୍ଚିମବଙ୍ଗର ଗ୍ରାମୀଣ କ୍ଷେତ୍ରରେ ଶାନ୍ତିନିକେତନ ସ୍ଥିତ ଏକ ପ୍ରାୟୋଗିକ ବିଦ୍ୟାଳୟର ଯେଉଁ ପରିକଳ୍ପନା କରିଥିଲେ ତାହା ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ରୂପ ନେଇଥିଲା ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମେଶ ସାହୁ, ବିଷ୍ଣୁପ୍ରସାଦ ତ୍ରିପାଠୀ ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱର୍ଗତ ରବୀନ୍ଦ୍ରନାଥ ଟାଗୋରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

# ସହରରେ ଶାନ୍ତି ଶୃଙ୍ଖଳା ଜାରି ରଖିବାକୁ ତ୍ରିପୁରା ଷ୍ଟେଟ୍ ରାଇଫଲ ଆର୍ମ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋମବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସର ସହାୟତାରେ ତ୍ରିପୁରା ଆର୍ମ ପୋଲିସ ଦ୍ୱାରା ସହର ସାରା ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା । ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସଧାରଣ ଜନତାଙ୍କ ଧନ ଜୀବନ ସୁରକ୍ଷା ପାଇଁ ଏବଂ ଜିଲ୍ଲାରେ ମେ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁଥିବା ଆଗାମୀ ଲୋକସଭା ଓ ବିଧାନ ସଭା ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ସୁବର୍ଣ୍ଣପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ସହରରେ ୩ ପ୍ଲାଟୁନ୍ ତ୍ରିପୁରା ଷ୍ଟେଟ୍ ରାଇଫଲ୍ (ଆର୍ମ ପୋଲିସ) ଫୋର୍ସକୁ ନେଇ ଏଇ ଫ୍ଲାଗ୍ ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଦର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଲୋକନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲା ପୋଲିସ ସହଯୋଗ କରିଥିଲେ ।

# ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କରଙ୍କ ଜୋର୍‌ଦାର୍ ପ୍ରଚାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କରର ଦାଶ (ପିଣ୍ଟୁ)ଙ୍କ ନିର୍ବାଚନୀ ପ୍ରଚାରରେ ଦିନକୁ ଦିନ ବିପୁଳ ଜନସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି । ଯେଉଁ ଅଞ୍ଚଳକୁ ଶ୍ରୀ ଦାଶ ପ୍ରଚାର ପାଇଁ ଯାଉଛନ୍ତି ସେଠାରେ ବହୁ ମାତ୍ରାରେ ଲୋକେ ରୁଣ୍ଡ ହୋଇ ନିଜର ଶତ ପ୍ରତିଶତ ସମର୍ଥନ ମାଠିଆ ଚିହ୍ନକୁ ରହିଥିବା କହୁଥିବା ଦେଖିବାକୁ ମିଳୁଛି । ଯେତେବେଳେ ଶିବଶଙ୍କର ଦାଶ ବ୍ରହ୍ମପୁର ମହାନଗର ନିଗମର ପ୍ରଥମ ମେୟର ଥିଲେ ସେତେବେଳେ ସହର ଓ ସହରବାସୀଙ୍କ ପାଇଁ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୪ ମସିହାରୁ ୨୦୨୪ ମସିହା ଦୀର୍ଘ ୧୦ ବର୍ଷ ହେଇଗଲାଣି, ସହରରେ ଆଉ ବିକାଶର ଚିହ୍ନବର୍ଣ୍ଣ ଦେଖାଯାଉନି । ଅନ୍ୟପଟେ ସହରରେ ରହିଥିବା ପ୍ରତ୍ୟେକ ଅଞ୍ଚଳରେ ଜଳାଶୟ ଗୁଡ଼ିକୁ ପୁନରୁଦ୍ଧାର ନାଁରେ ଶୁଖାଇ ଦିଆଯାଇ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇନାହିଁ । ଏହି ସମସ୍ୟା ଯୋଗୁଁ ଗ୍ରୀଷ୍ମ ଋତୁର ଏ ପ୍ରଚଣ୍ଡ ଖରାରେ ଉକ୍ତ ପୋଖୋରୀ ଉପରେ ନିର୍ଭର କରୁଥିବା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀରେ ପରିବାର ବହୁ ସମସ୍ୟାରେ ରହିଥିବା ଲୋକେ କହିଛନ୍ତି । ଏଭଳି କ୍ଷେତ୍ରରେ ବ୍ରହ୍ମପୁରରେ ଶିବଶଙ୍କର ଦାଶ ବିଧାୟକ ହେବା ଜରୁରୀ ବୋଲି ପ୍ରଚାର ବେଳେ ସ୍ଥାନୀୟ ଲୋକେ ମିଶି ନିଜର ସମ୍ପୂର୍ଣ୍ଣ ସମର୍ଥନ ରହିଥିବା କହିଥିଲେ । ତେବେ ରବିବାର ସନ୍ଧ୍ୟାରେ ମହାନଗର ନିଗମର ୩୬ ନଂ ୱାର୍ଡରେ ନିଜର ଧର୍ମପତ୍ନୀ ଆଶା କୁମାରୀ ଦାଶଙ୍କ ସମେତ ବହୁ ମହିଳା ସମର୍ଥକ ଉକ୍ତ ୱାର୍ଡର ସମସ୍ତ ଗଳି ବୁଲି ନିଜର ପ୍ରଚାର କରିଥିଲେ। ଏହି ଅବସରରେ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ଶ୍ରୀ ଦାଶ ଓ ତାଙ୍କ ଧର୍ମପତ୍ନୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ବାଣ ଫୁଟାଇ ଭବ୍ୟ ସ୍ୱାଗତ କରି ପ୍ରଚାରରେ ସାମିଲ ହୋଇଥିଲେ ।



# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ହୋମିଭାବା ଛାତ୍ରାବାସର ବାର୍ଷିକୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଞ୍ଚଳିକ ଭାଷା ପ୍ରତିଷ୍ଠାନର ପୁରୁଷ ଛାତ୍ରାବାସ ହୋମିଭାବାର ବାର୍ଷିକ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହାଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରି ବିଦ୍ୟାର୍ଥୀମାନଙ୍କର ଶୈକ୍ଷିକ ବିକାଶ ସହ ବୌଦ୍ଧିକ ଓ ମାନସିକ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଭାରତବର୍ଷର ପ୍ରସିଦ୍ଧ ବ୍ୟକ୍ତିତ୍ୱ ହୋମି ଜାହାଙ୍ଗୀର ଭାବାଙ୍କ ନାମରେ ନାମିତ ପ୍ରତିଷ୍ଠାନର ଏକମାତ୍ର ପୁରୁଷ ଛାତ୍ରାବାସର ପ୍ରତ୍ୟେକ ଅନ୍ତେବାସୀ ଆଗାମୀ ଦିନରେ ପ୍ରତିଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶା କରିଥିଲେ । ମୁଖ୍ୟ ପ୍ରବନ୍ଧକ ପ୍ରଫେସର ଶରତ କୁମାର ଦାଶ, ଡିନ୍ ପ୍ରଫେସର ସନ୍ଧ୍ୟାରାଣୀ ସାହୁ, ପ୍ରବନ୍ଧକ ଅରୁପ କୁମାର ଶାହ, ଆବାସିକ ପ୍ରବନ୍ଧକ ଡକ୍ଟର ରାଜ କୁମାର ଓ ଡକ୍ଟର ଅମନ କୁମାର ଭରଦ୍ୱାଜ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ । ଅନ୍ତେବାସୀ ମନୀଷ କୁମାରଙ୍କ ସଂଯୋଜନାରେ ହୋଇଥିବା ଏହି ମନୋରମ ସାଂସ୍କୃତିକ ସନ୍ଧ୍ୟାରେ ଡକ୍ଟର ରଶ୍ମିରେଖା ସେଠୀ, ଡକ୍ଟର ମୁଜାମ୍ମିଲ ହସନ୍, ଡକ୍ଟର ସୌରଭ କପୁର, ଡକ୍ଟର ଦେବବ୍ରତ ବାଗୁଇ, ଡକ୍ଟର ଜିନା ଗୋପାଲ, ଡକ୍ଟର କଳିଙ୍ଗ କେତକୀ, ଡକ୍ଟର ବେଦ ପ୍ରକାଶ ବର୍ମା, ଡକ୍ଟର ଦେବାଶିଷ ମହାପାତ୍ର, ଡକ୍ଟର ସୁମିତ୍ରା ରାଣୀ, ଡକ୍ଟର ରାହୁଲ କୁମାର ସାହାନା, ଡକ୍ଟର ଭାବନା ବୈଷ୍ଣବ, ଡକ୍ଟର ମନୋଜ କୁମାର ଯାଦବ, ଡକ୍ଟର ମାର୍କଣ୍ଡେୟ ଦୀକ୍ଷିତ, ଡକ୍ଟର ଶୀଳନୀ କୌଶିକ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରିଥିଲେ ।

# ଯାଜପୁର ଜିଲ୍ଲାରେ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟ ସମୀକ୍ଷା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଯାଜପୁର ଜିଲ୍ଲା ପାଇଁ ନିଯୁକ୍ତ ତିନିଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟଧାରାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ୮ ଲୋକସଭା ଆସନ ରିଟର୍ଣ୍ଣିଂ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି । ୮ ଲୋକସଭା ଆସନ ପାଇଁ ଏଭିଟି ଭାରତ ଭୂଷଣ ଆଇ ଆରଏସଙ୍କୁ, ୫୨ ଯାଜପୁର ବିଧାନସଭା ଆସନ, ୫୩ କୋରାଇ, ୫୪ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ଅଭିଷେକ କୁମାର, ଆଇଆରଏସଙ୍କୁ ଏବଂ ୪୮ ବିଞ୍ଝାରପୁର, ୪୯ ବରୀ, ୫୦ ବଡ଼ଚଣା ଓ ୫୧ ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଅମିତ ପ୍ରତାପ ସିଂ, ଆଇଆରଏଏସଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କମିଶନ ନିଯୁକ୍ତି କରିଛନ୍ତି । ପ୍ରତ୍ୟେକ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସେମାନଙ୍କ ଅଧିନ ସରକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଠାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଫୋଲ୍ଡର ରେଜିଷ୍ଟର ଏବଂ ସାଡୋ ରେଜିଷ୍ଟରରେ ଦୈନନ୍ଦିନ ଖର୍ଚ୍ଚ ଲିପିବଦ୍ଧ କରିବା ଭିଏସଟି ଟିମ୍, ସି ଭିଜିଲ୍, ଏସଏସଟି, ଭିଭିଟି ଆଦି ଟିମ୍ ଏବଂ ପ୍ରାର୍ଥୀ/ପ୍ରତିନିଧି ମାନଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରକୃତ ଖର୍ଚ୍ଚକୁ ଲିପିବଦ୍ଧ କରି ସଂପୃକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିକଟରେ ରେଜିଷ୍ଟର ଉପସ୍ଥାପନା କରିବା ଦିଗରେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଷ୍ଟାର ପ୍ରଚାରକଙ୍କ ଖର୍ଚ୍ଚକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମତେ ରାଜନୈତିକ ଦଳ/ପ୍ରାର୍ଥୀଙ୍କ ଖର୍ଚ୍ଚ ରେଜିଷ୍ଟରରେ ଲିପିବଦ୍ଧ କରିବା ଦିଗରେ ନିର୍ଦ୍ଦେଶ ଦେଇଥିଲେ । ସର୍ବୋପରି ସମସ୍ତ ଟିମ୍ ମାନଙ୍କ ସହ ଏକ ଉତ୍ତମ ସମନ୍ୱୟ ରକ୍ଷାକରି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଦାୟିତ୍ୱ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଲ ପବନ କଲ୍ୟାଣ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ସିଡିଓ ଏବଂ ଇଓ, ଜିଲ୍ଲାପରିଷଦ ଅଶୋକ କୁମାର ବେହୁରାଆ, ଉପଜିଲ୍ଲାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପ ଜିଲ୍ଲାପାଳ ମନୋରମା ଜାଲି, ଡେପୁଟି କଲେକ୍ଟର ନିର୍ବାଚନ, ରଶ୍ମି ରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ଶାଶ୍ୱତୀ ସାହୁଆଲ, ସମସ୍ତ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ବିଡିଓ ଏବଂ ତହସିଲଦାର ଯୋଗଦେଇଥିଲେ ।

# ବିଜେପିର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ



**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ବ୍ରଜରାଜନଗର ମଣ୍ଡଳ ନେତୃତ୍ୱରେ ରବିବାର ସନ୍ଧ୍ୟା ସମୟରେ ବ୍ରଜରାଜନଗର ଗୋଲେଇ ଛକ ନିକଟସ୍ଥ ଓରିଏଣ୍ଟ କାଗଜ କଳର ଦୁର୍ଗାପୂଜା ପଡ଼ିଆ ଠାରେ ବ୍ରଜରାଜନଗର ମଣ୍ଡଳର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାନସଭା ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀ ଓ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ, ଚକାନନ୍ଦ ସା, ଲଳିତ ମଗର, ସୁଜିତ ସିଂହ, ଉଷାରାଣୀ ଋନ୍ଦ, ବିଉଟୀ ଶ୍ରୀବାସ୍ତବ, ଚୁମକୀ ପଟେଲ ମଞ୍ଚାସିନ ହୋଇଥିବା ବେଳେ ରୁକ୍ମଣ ଧୁରୁଆ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସଭାରେ ରଘୁନନ୍ଦନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଅମରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗ ଦେଇଥିଲେ ଓ ତିନି ଶହରୁ ଉର୍ଦ୍ଧ୍ୱ ବିଜେଡ଼ି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ନିଜ ଦଳ ଛାଡି ବିଜେପିରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଚଣ୍ଡ ଜୟସ୍ୱାଲ, ଜିତେନ୍ଦ୍ର ପଟ୍ଟନାୟକ, ମହେଶ୍ୱର ନାୟକ, ଜିତେନ୍ଦ୍ର ସରକାର, ତପନ ସ୍ୱାଇଁ, ଅଜୟ ସିଂହ ପ୍ରମୁଖ ଆୟୋଜନ କରିଥିଲେ । ସୁନୀଲ କୁମାର ଦାଶ, ହୃଦାନନ ମାଝୀ, ବିପଦ ଭଞ୍ଜନ ସତପଥୀ, ଚେତନ ସିଂହ, ରତନ ଜସ୍ୱାଲ, ପ୍ରମୋଦ ଦାସ, କ୍ଷେତ୍ର ମୋହନ ନାଗ, ଚନ୍ଦ୍ରମଣି ସାମଲ, ଗଜେନ୍ଦ୍ର ସିଂହ, ରୀଙ୍କି ସିଂହ, ପ୍ରମୋଦ ପୁଜାରୀ, ସରୋଜ ସାହୁ, ପ୍ରହଲ୍ଲାଦ ଗରୁଡ଼, ମନ୍ଦିପ ସିଂହ, ରାମପ୍ରୀତ ଗୋଣ୍ଡ ପ୍ରମୁଖଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ହାତ ସ୍ୱଚ୍ଛତା ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ଅଣୁଜୀବ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର 'ବିଶ୍ୱ ହାତ ସ୍ୱଚ୍ଛତା ଦିବସ' ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ, ପାଥୋଲୋଜି ବିଭାଗର ମୁଖ୍ୟ ଡାକ୍ତର କେ. ମୋହିନୀ ରାଓ ଏବଂ ଲାବୋରେଟୋରୀର ନିର୍ଦ୍ଦେଶକ ତଥା ଅଣୁଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ସାହୁ ଯୋଗଦେଇ ହାତ ଧୋଇବା ଦ୍ୱାରା କିଭଳି ସଂକ୍ରମଣକୁ କିପରି ଦୂରରେ ରଖିହେବ ଏବଂ ଅନ୍ୟ ବ୍ୟକ୍ତି ମଧ୍ୟ ସୁସ୍ଥ ରଖିପାରିବେ ଏ ନେଇ ବିସ୍ତୃତ ଭାବେ ସଚେତନତା ନିମନ୍ତେ ବାର୍ତ୍ତା ଦେଇଥିଲେ । ରୋଗୀ ସେବାରେ ସ୍ୱଚ୍ଛ ହାତର ମହତ୍ୱ ତଥା ହାତ ଧୋଇବା ଅଭ୍ୟାସ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ କିଭଳି ସାହାଯ୍ୟ କରେ ତାହା ବକ୍ତାମାନେ ସରଳ ଉପାୟରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଅବଗତ କରାଇଥିଲେ । ଏଥିସହିତ ପ୍ରାଚୀନ କାଳରେ ଓ କୋଭିଡ୍ ମହାମାରୀ ସମୟରେ ସ୍ୱଚ୍ଛ ହାତର ମହତ୍ୱ ବିଷୟରେ ମଧ ଆଲୋଚନା କରାଯାଇଥିଲା । ଅଣୁଜୀବ ବିଜ୍ଞାନ ବିଭାଗର ଡାକ୍ତର ଓ ଷ୍ଟାଫ୍ ମାନଙ୍କ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ଏ ବର୍ଷର ସ୍ଲୋଗାନ 'ହ୍ୱାଏ ଇଜ୍ ସେୟାରିଂ ନଲେଜ୍ ଏବାଉଟ୍ ହ୍ୟାଣ୍ଡ ହାଇଜିନ୍ ଷ୍କିଲ୍ ସୋ ଇମ୍ପୋର୍ଟାଣ୍ଟ' ସେ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇ ରୋଗୀ ସେବାରେ ଏହାକୁ ପ୍ରାଧାନ୍ୟ ଦେବା ପାଇଁ ଅନୁରୋଧ କରାଯାଇଥିଲା । ଏହି ବାର୍ତ୍ତାକୁ ହସ୍ପିଟାଲର ସମସ୍ତ କର୍ମଚାରୀ ହସ୍ତ ଅଙ୍କିତ ପୋଷ୍ଟର ମାଧ୍ୟମରେ ଅତି ସୁନ୍ଦର ଭାବରେ ଉପସ୍ଥାପିତ କରିଥିଲେ ଏବଂ ଶ୍ରେଷ୍ଠ ବିବେଚିତ ପୋଷ୍ଟରକୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଡ୍ରାମା ଏବଂ ନୃତ୍ୟ ପରିବେଷଣ ଜରିଆରେ ସ୍ୱଚ୍ଛ ହାତର ସଠିକ୍ ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# କଟକ ଲୋକସଭା ସମେତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥୀପତ୍ର ଯାଞ୍ଚ ଶେଷ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାର କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ବଡମ୍ବା, ବାଙ୍କୀ, ଆଠଗଡ, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଗତ ୨୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ସୋମବାର ଶେଷ ହୋଇଛି । ମଙ୍ଗଳବାର ପ୍ରାର୍ଥୀପତ୍ରଗୁଡିକୁ ଯାଞ୍ଚ କରାଯାଇଛି । କଟକ ଲୋକସଭା ମଣ୍ଡଳୀ ନିମନ୍ତେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ସମସ୍ତ ୧୧ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେହିପରି କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆବେଦନ କରିଥିବା ସମସ୍ତ ୪ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ ରହିଛି । ତେବେ ଚୌଦ୍ୱାର କଟକ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଦୁଇ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ନାକଚ କରାଯାଇ ୧୩ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ଏବଂ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇ ୧୪ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଛି । ଅନ୍ୟପକ୍ଷରେ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆବେଦନ କରିଥିବା ୮ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଛି । ସେହିପରି ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ଜଣ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ ରହିଛି । ନିଆଳି, ସାଲେପୁର ଓ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନରେ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୯।୫।୨୦୨୪, ବୈଶାଖ ଦି୨୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୧୪।୧୦ ଚନ୍ଦ୍ରୋଦୟ- ପ୍ରାଘ ୦୫।୫।୧୦**

ପ୍ରତିପଦ- ପ୍ରାଘ ୬।୨୨ ପର୍ଯ୍ୟନ୍ତ । ଦ୍ୱିତୀୟା କ୍ଷୟ, କୃତିକା ନକ୍ଷତ୍ର- ଦିଘ ୧୧।୫୬ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ପ୍ରାଘ ୬।୨୨ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୭।୦୧ ମଧ୍ୟେ । ଦିଘ ୧୦।୨୭ ଗତେ ଘ ୧।୦୧ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।



**ମେଷ:** ଲାଗି ରହିଥିବା ବିବାଦର ସମାଧାନ ହେବ । ଭ୍ରମଣ ଯୋଗ ରହିଛି । ମହିଳାମାନେ ସଫଳତା ହାସଲ କରିବେ । ଆୟ ଯୋଗ ମଧ୍ୟ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ବୃଷ:** ଶରୀର ସୁସ୍ଥ ରହିବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । କର୍ମକ୍ଷେତ୍ରରେ ନୂତନ କର୍ମାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟ ମଦ୍ଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ପିଲାମାନେ ପାଠ ପଢ଼ାରେ ମନ ଦେବେ ।



**କର୍କଟ:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ଅର୍ଥ ପ୍ରାପ୍ତି ହୋଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ଦର୍ଶନ ସହିତ ଖୁସି ଜମିବ ।



**ସିଂହ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହୋଇପାରନ୍ତି ।



**କନ୍ୟା:** ସମସ୍ତ କ୍ଷେତ୍ରରେ ବିଜୟ ହାସଲ କରିବେ । ନୂତନ କର୍ମାରମ୍ଭ ମଧ୍ୟ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଚାକିରୀ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପରୋପକାର କରି ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ ।



**ମକର:** ଦେହ ଭଲ ରହିବ । ଆୟ ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ ।



**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ ।



**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । କାର୍ଯ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଆୟ ଯୋଗ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୫।୨୦୨୪, ବୈଶାଖ ଦି୨୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୧୩।୪୨ ଚନ୍ଦ୍ରୋଦୟ- ପ୍ରାଘ ୦୬।୪୫।୧୧**

ତୃତୀୟା- ରାଘ ୨।୫୦ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର- ଦିଘ ୧୦।୪୮ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ରାଘ ୧୦।୨୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୦।୨୭ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ରାଘ ୧୦।୨୭ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ୨।୫୦ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୬।୦୮ ମଧ୍ୟେ । ଦିଘ ୧୨।୦୯ ଗତେ ଘ ୨।୪୪ ମଧ୍ୟେ । **ପର୍ବୋତ୍ସବ-** ଜୟଦେବ ଜୟନ୍ତୀ, ଚନ୍ଦନ ଯାତ୍ରାରମ୍ଭ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ତେଲ ବଜାରରେ ଅଧିକ ଲାଭ କରୁଛି ଆମେରିକା

ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାରମ୍ପରିକ ତୈଳ ଯୋଗାଣକାରୀ ଦେଶର ସମୂହ 'ଓପେକ୍'ର ଗଡ଼ କୁହାଯାଉଥିବା ବଜାରଗୁଡ଼ିକରେ ଦ୍ରୁତ ଗତିରେ ଆମେରିକା ଏହାର ଆଧିପତ୍ୟ ସାବ୍ୟସ୍ତ କରିବାରେ ଲାଗିଛି । ବିଶେଷ କରି ରୁଷ୍ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ପରେ ଆମେରିକାର ତେଲ ଯୋଗାଣକାରୀମାନେ ସେହି ଅଭାବ ପୂରଣ କରିବା ଲାଗି ଆଗେଇ ଆସିବା ସହ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି । ବିଶ୍ୱର ଦୁଇ ପ୍ରମୁଖ ତେଲ ଯୋଗାଣକାରୀ ଦେଶ ରୁଷ୍ ଏବଂ ଭେନେଜୁଏଲା ଉପରେ କଟକଣା ଲଗାଯିବା ପରେ ଯଦି କୌଣସି ଦେଶକୁ ତାହାର ସର୍ବାଧିକ ଲାଭ ମିଳିଛି ତେବେ ତାହା ହେଉଛି ଆମେରିକା । ଏହା ଦ୍ରୁତ ଗତିରେ ଓପେକ୍ର ଗଡ଼ କୁହାଯାଉଥିବା ଦେଶଗୁଡ଼ିକରେ ପ୍ରବେଶ କରୁଛି । ଆମେରିକାରୁ ୟୁରୋପ ଓ ଏସିଆର ବିଭିନ୍ନ ଦେଶକୁ ତେଲ ଯୋଗାଣ ବୃଦ୍ଧି ପାଇଛି । ଅବଶ୍ୟ ଏବେ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ଓପେକ୍+ ମଧ୍ୟ କିଛି ପରିମାଣରେ ଦାୟୀ । ସେମାନେ ନିଜ ଆଡ଼ୁ ତେଲ ଯୋଗାଣ କମ୍ କରିବାରୁ ଆମେରିକା ସେହି ବଜାରଗୁଡ଼ିକରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଥିଲା । ଗୋଟିଏ ପଟେ ଆମେରିକା ଏହାର ତେଲ ଉତ୍ପାଦନ ବଢ଼ାଇଥିବା ବେଳେ ଓପେକ୍ ଓ ରୁଷ୍ ସେମାନଙ୍କ ଉତ୍ପାଦନ ହ୍ରାସ କରିଛନ୍ତି । ସେଥିପାଇଁ ତେଲ ବଜାରରେ ଆମେରିକାର ଭାଗ ବୃଦ୍ଧି ପାଇଛି ।

ଯୁଦ୍ଧ ପରେ ରୁଷ୍ରୁ ସର୍ବାଧିକ ତେଲ ମଗାଉଥିବା ଭାରତ ମଧ୍ୟ ଆମେରିକାରୁ ତେଲ କିଣିବା ଆରମ୍ଭ କରିଛି । ମାର୍ଚ୍ଚରେ ଆମେରିକାରୁ ଅଧିକ ପରିମାଣର ତେଲ ଭାରତ ଆସିଛି ବୋଲି କେପ୍ଲର୍ ତଥ୍ୟରୁ ଜଣାପଡ଼ିଛି । ରୁଷ୍ର ସୋମକମ୍ଫ୍ଲୋଟ୍ ଟ୍ୟାଙ୍କରରେ ଆସୁଥିବା ତେଲ ଗ୍ରହଣ କରିବାକୁ ଭାରତ ମନା କରିଦେଇଥିବାରୁ ଆଗାମୀ ଦିନରେ ରୁଷ୍ ତେଲ ଆହୁରି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । କିନ୍ତୁ ରୁଷ୍ର ସ୍ଥାନ ନେବା ଭଳି ସ୍ଥିତିରେ ଆମେରିକା ଏପର୍ଯ୍ୟନ୍ତ ପହଞ୍ଚିପାରିନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ
### ପ୍ରଥମ ଅଧ୍ୟାୟ
**ମା ।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ୱା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)
(କ୍ରମଶଃ)

# ବାବାଙ୍କ ଅସ୍ତ୍ରୋପଚାରରେ ଜଳୋଦରୀ ରୋଗ ଆରୋଗ୍ୟ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୯**



ବାଙ୍ଗାଲୋରରେ ବାସ କରୁଥିବା ନାଗମଣି ପେର୍ଣ୍ଣେୟାଙ୍କ ସ୍ୱାମୀ ଜଣେ ପରିବହନ ଅଫିସର ଥିଲେ । ନାଗମଣି ପ୍ରଥମେ ୧୯୪୫ ମସିହାରେ ବାବାଙ୍କୁ ଭେଟିଥିଲେ । ସେ ବାବାଙ୍କ ଆଶ୍ରମରେ ଅନେକ ଦିନ ଅତିବାହିତ କରିଥିଲେ । ସେତେବେଳେ ଯୁବକ ସତ୍ୟସାଇଙ୍କ ଦ୍ୱାରା ଘଟିଥିବା ସମସ୍ତ ଦିବ୍ୟ ଓ ଆଶ୍ଚର୍ଯ୍ୟ ଘଟଣାମାନ ସମ୍ପୂର୍ଣ୍ଣ ସତ୍ୟ ବୋଲି ସମସ୍ତଙ୍କୁ ସେ କହୁଥିଲେ । ବେଳେ ବେଳେ ଯୁବକ ସତ୍ୟସାଇ ଭକ୍ତମାନଙ୍କ ସହିତ ବାଲି ଉପରେ ବସିଥିବା ବେଳେ ବାଲି ଭିତରୁ ହିନ୍ଦୁ ଦେବାଦେବୀ ମାନଙ୍କର ମୂର୍ତ୍ତି ଟାଣି ଆଣୁଥିଲେ । ଭକ୍ତମାନେ ଦେଖୁଥିଲେ ମୂର୍ତ୍ତି ଗୁଡିକ ବାଲି ଭିତରୁ ବାହାରୁଥିଲେ । ସତେଯେପରି ଜଣେ କେହି ସେଗୁଡ଼ିକୁ ବାଲି ଉପରକୁ ଠେଲି ହେଉଛି । ମୂର୍ତ୍ତି ଗୁଡ଼ିକର ମୁଣ୍ଡ ଦେଖା ଗଲେ ବାବା ସେଗୁଡିକ ଟାଣିଆଣି ଗୋଟିଏ ପାଖକୁ ଫିଙ୍ଗି ଦେଉଥିଲେ କାରଣ ମୂର୍ତ୍ତି ଗୁଡିକ ଧାତୁନିର୍ମିତ ଓ ଅତ୍ୟନ୍ତ ଉତ୍ତପ୍ତ ଥିଲା । ମୂର୍ତ୍ତି ଗୁଡିକ ଥଣ୍ଡା ହୋଇଗଲେ ବାବା ସେଗୁଡିକ ପୁରୁଣା ମନ୍ଦିରକୁ ପଥରପରି ଉପାସନା ନିମିତ୍ତ ନେଇ ଯାଉଥିଲେ । ଏପରି ଭାବରେ ବାଲି ଭିତରୁ ଶିବ, ପାର୍ବତୀଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ବାହାରିଥିଲେ ।

ନାଗମଣି ବାବାଙ୍କ ଆଶ୍ରମରେ ଥିବାବେଳେ ଏକ ଦମ୍ପତି ପୁଟାପାର୍ତ୍ତି ଆସିଥିଲେ ଯାହାଙ୍କ ପତି ଜଳୋଦରୀ ରୋଗରେ ପୀଡିତ ଥିଲେ । ତାଙ୍କର ଉଦର ସମ୍ପୁର୍ଣ୍ଣ ଜଳପୂର୍ଣ୍ଣ ଥିଲା । ସେ କିଛି ଖାଇବାକୁ ଅକ୍ଷମ ଥିଲେ । କେତେବେଳେ ସେ ଖୋଲା ପଡ଼ିଆରେ ତ କେତେବେଳେ କୋଠରୀ ଭିତରେ ଗଡୁଥିଲେ । ନାଗମଣି ବାବାଙ୍କୁ ସେ ରୋଗୀଙ୍କୁ ଆରୋଗ୍ୟ କରିଦେବା ପାଇଁ ବାରମ୍ବାର ଗୁହାରୀ କରୁଥିଲେ । ବାବା ହସି ହସି କହିଲେ, " ତୁମେ କଣ ଭାବୁଚ ଏ ସ୍ଥାନଟି ଗୋଟିଏ ଡାକ୍ତର ଖାନା ?" ଦିନେ ସନ୍ଧ୍ୟା ବେଳେ ସାଇବାବା ଭକ୍ତମାନଙ୍କୁ ନେଇ ଚିତ୍ରାବତୀ ନଦୀ ବାଲିରେ ବସିଲେ । ସେଠାରୁ ଫେରିଲେ ବାବାଙ୍କ ପାଦ ଧୋଇ ଦେବା ପାଇଁ ନାଗମଣି କାଠ ଚୁଲ୍ଲାରେ ପାଣି ବସେଇ ଦେଇ ଯାଇଥିଲେ । ସେଠାରୁ ଫେରିବା ପରେ ବାବା ରୋଗୀଙ୍କୁ ଦେଖିବା ପାଇଁ ତା' କୋଠରୀକୁ ଗଲେ । ସେଠାରୁ ଫେରିବା ପରେ ବାବା ନାଗମଣିଙ୍କୁ ହାତଧୋଇବା ପାଇଁ ଗରମ ପାଣି ମାଗିଲେ । ବାବାଙ୍କ ହାତପାପୁଲି ନାଲି ଦିଶୁଥିବାରୁ ନାଗମଣି ବାବାଙ୍କୁ କୌତୁକରେ ପଚାରିଲେ, " ଆପଣ କଣ ରଙ୍ଗ ଦେଉଥିଲେ ନା ଆଉ କିଛି କରୁଥିଲେ ଆପଣଙ୍କ ହାତପାପୁଲି ନାଲି ଦେଖାଯାଉଛି ? ବାବା କହିଲେ ' ତୁମେ କହୁଥିଲ ନା ଏହି ସ୍ଥାନକୁ ଡାକ୍ତରଖାନା କରିବା ପାଇଁ ମୁଁ ତେଣୁ ସେ ରୋଗୀର ଅସ୍ତ୍ରୋପଚାର କରିଛି ଏ ହାତରେ ରକ୍ତ ଲାଗିଛି ।'

ବାବା ତାପରେ ନାଗମଣିଙ୍କ ପାତ୍ରରୁ ଗରମ ପାଣି ଦେଇ ହାତଦୁଇଟି ସଂପୂର୍ଣ୍ଣ ପରିଷ୍କାର କରିଦେଲେ । ତା'ପରେ ନାଗମଣିଙ୍କୁ କହିଲେ ' ଏହି ତୁଳା ନିଅ ଓ ରୋଗୀର ପତ୍ନୀଙ୍କୁ ଅସ୍ତ୍ରୋପଚାର ସ୍ଥାନରେ ନୂଆ ବ୍ୟାଣ୍ଡେଜ ବାନ୍ଧିବାରେ ସାହାଯ୍ୟ କର । ନାଗମଣି ସେ କୋଠରୀ ପାଖକୁ ଯାଇ ଭୟ ଓ ଆଶଙ୍କାରେ ଭିତରକୁ ନ ଯାଇ ବାହାରେ ଛିଡ଼ା ହୋଇ ରହିଲେ । ବାବା ତାଙ୍କୁ ନେଇ ଭିତରକୁ ଗଲେ ।

ସେତେବେଳେ ରୋଗୀ ସେପରି ଖଟରେ ପଡ଼ି ରହିଥିଲା ଓ ତା ପତ୍ନୀ ପାଖରେ ବସିଥିଲା । ରୋଗୀର କାମିଜ ଉଠେଇ ତା ପତ୍ନୀ ଅସ୍ତ୍ରୋପଚାରର ସ୍ଥାନଟି ନାଗମଣିଙ୍କୁ ଦେଖାଇଲେ । ନାଗମଣି ଦେଖିଲେ ସେଠରେ କୌଣସି ବ୍ୟାଣ୍ଡେଜ ନଥିଲା । ଅସ୍ତ୍ରୋପଚାରର ସ୍ଥାନରେ ଗୋଟିଏ ସରୁ ଗାର ଦେଖା ଯାଉଥିଲା । ରୋଗୀର ଉଦରରେ ଆଉ ପାଣି ନ ଥିଲା । ସ୍ଫୀତ ନ ଥିଲା । ବାବା ଓ ନାଗମଣି ଉଭୟ ବାହାରକୁ ଆସିଲେ ଓ ବାବା ନାଗମଣିଙ୍କୁ ନିଜର ପାଦ ପ୍ରକ୍ଷାଳନ କରିବା ପାଇଁ ଅନୁମତି ଦେଲେ । ସେଦିନ ରାତିରେ ନାଗମଣିଙ୍କୁ ଆଉ ନିଦ ହେଲାନି । ରୋଗୀର ସ୍ୱାସ୍ଥ୍ୟ କିପରି ଅଛି ଜାଣିବା ପାଇଁ ସେ ସକାଳୁ ରୋଗୀର କୋଠରୀକୁ ଗଲେ । ଦେଖିଲେ ରୋଗୀ ବସିପଡ଼ି ମନ ଖୁସିରେ ଜଳଖିଆ ଖାଉଛି । ସେ ନାଗମଣିଙ୍କୁ କହିଲେ 'ବାବା ଗତରାତିରେ ତାଙ୍କ ପାଖକୁ ଆସି ଶୂନ୍ୟରୁ ହାତ ବୁଲେଇ ଛୁରୀ ଓ ଅନ୍ୟ କିଛି ଅସ୍ତ୍ରୋପଚାର ଜିନିଷ ଆଣିଲେ । ବିଭୂତି ସୃଷ୍ଟିକରି ତାଙ୍କ କପାଳରେ ଲଗାଇଦେଲେ । ଏହା ଆନାସଥିସିଆର କାମ କଲା ମୁଁ ଅସ୍ତ୍ରୋପଚାର କଷ୍ଟ କିଛି ଅନୁଭବ କରି ପାରିଲିନି । ରୋଗୀର ସ୍ତ୍ରୀ କହିଲେ ବାବା ଅସ୍ତ୍ରୋପଚାର ପରେ ସେ ସ୍ଥାନକୁ ଦୁଇ ଆଙ୍ଗୁଳିରେ ଚିପି ଧରିଲେ । ଆଉ ତାହା ଆପେ ଆପେ ମୋଡ଼ି ହୋଇଗଲା । ବାବା କହିଲେ ସବୁଠିକ୍ ଅଛି । ତା'ପରେ ବାବା ସେଠାରେ କିଛି ବିଭୂତି ବୋଳିଦେଲେ । କହିଲେ ତୁମେ ଶୀଘ୍ର ଠିକ୍ ହୋଇଯିବ । (କ୍ରମଶଃ)

# ମୁଁ ଫେରିଲେ ତୁମର...


ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ବାହାଘରର ଅଷ୍ଟ ମଙ୍ଗଳା ଯାଇନାହିଁ ହଠାତ୍ ସେନା କାର୍ଯ୍ୟାଳୟରୁ ଖବର ଆସିଲା ଭାରତ-ପାକ୍ ସୀମାରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଶୀଘ୍ର ଆସି କାର୍ଯ୍ୟରେ ଯୋଗଦିଅ । ଘରେ ଏ ଖବର ଜଣାଇବା ପରେ କାନ୍ଦ ବୋବାଳି ପଡ଼ିଲା । ନୂଆ ବୋହୁଟିକୁ ବୁଝେଇବା ପାଇଁ କାହାରି ପାଖରେ ଭାଷା ନଥିଲା । ଅନନ୍ୟୋପାୟ ହୋଇ ସଦ୍ୟ ବିବାହିତ ଜବାନ ଜଣକ ରାତିରେ ସ୍ତ୍ରୀକୁ ନଜଣାଇ ତାଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଲେଖିଦେଇ ନିଜ କାର୍ଯ୍ୟ କ୍ଷେତ୍ରକୁ ଚାଲିଗଲେ । ସକାଳୁ ସକାଳୁ ନୂଆ ବୋହୁଟି ଶେଯ ଛାଡ଼ିଲା ବେଳକୁ ଦେଖିଲା କ'ଣ ଗୋଟିଏ କାଗଜଟିଏ ପଡ଼ିଛି । ଅତ୍ୟନ୍ତ ଉତ୍ସୁକତାର ସହ ଖୋଲିଲା ବେଳକୁ ସେଥିରେ ଲେଖାଥିଲା 'ମୁଁ ଫେରିଲେ ତୁମର' ...

ବିବାହ ବେଦୀରେ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ଯାହାକୁ ସିଏ ଇହକାଳ ଓ ପରକାଳର ଦେବତା ଭାବେ ଗ୍ରହଣ କରି ଏ ଘରକୁ ଆସିଥିଲା ଆଜି ସିଏ ତାକୁ ପରକରି ଚାଲିଗଲେ । ଦୋଷ ତାଙ୍କର ବା କ'ଣ । ବରଂ ଦେଶ ମାତୃକା ପାଇଁ ଲଢ଼ି ଶରୀର ତ୍ୟାଗ କରିବା ଭଲ । ଭୀରୁ ଓ କାପୁରୁଷ ଭାବେ ବଞ୍ଚି ରହିବାରେ କି ଲାଭ ? ଭାବୁଥିଲା ଅଭିମନ୍ୟୁଙ୍କ ବୀର କାହାଣୀ । ଚକ୍ରବ୍ୟୂହରେ ପ୍ରବେଶ ପାଇଁ ସମସ୍ତଙ୍କର ନା ସତ୍ତ୍ୱେ ସିଏ ଯୁଦ୍ଧରେ ଯୋଗ ଦେଇଥିଲେ । ଉତ୍ତରାଙ୍କ ଠାରୁ ବିଦାୟ ନେବା ବେଳେ ତାଙ୍କର ଉକ୍ତି ଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ । ଯେଉଁଠି ମୋର ସମଗ୍ର ପରିବାର ଓ ପରିଜନ ସଂଗ୍ରାମରତ ସେଠାରେ ମୋ ନିରବତା ଗର୍ହିତ ଅପରାଧ । ଯୁଦ୍ଧ ବିଦ୍ୟା ଶିକ୍ଷା କରି ଯଦି ଏହାର ଉପଯୋଗ ନହୁଏ ତାହା ମୂଲ୍ୟହୀନ । ତାଙ୍କ ପାଇଁ ଅଫେରା ପଥର ପଥିକ ହେବା ବରଂ ଶ୍ରେୟସ୍କର କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସମୁହ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ନୀତି ବିରୁଦ୍ଧ । ଶେଷରେ ଉତ୍ତରାଙ୍କ ଉଦ୍ଦେଶ୍ୟରେ କହିଥିଲେ ମୁଁ ତ ଫେରିଲେ ତୁମର ...

ପୁଣି ଭାବୁଥିଲା କଂସର ଡାକରା ପାଇ କୃଷ୍ଣଙ୍କର ଗୋପପୁର ଛାଡ଼ିବାର କାହାଣୀକୁ ... । ଗୋପୀମାନଙ୍କୁ ବୁଝାଇବାକୁ ଯାଇ କୃଷ୍ଣ କହିଥିଲେ ମୁଁ ମାମୁ ଘରକୁ 'ଧନୁଯାତ୍ରା' ଦେଖିବାକୁ ଯାଉଛି । ସେଠାରୁ ଫେରିଲେ ମୁଁ ତୁମ ମାନଙ୍କର । ହେଲେ ବିଧିର ବିଡ଼ମ୍ବନା ତାହାହିଁ ଥିଲା କୃଷ୍ଣଙ୍କର ଗୋପୀ ମାନଙ୍କ ସହିତ ଶେଷ ବାର୍ତ୍ତାଳାପ । ନିଜର କର୍ମସ୍ଥଳୀ, କାର୍ଯ୍ୟବ୍ୟସ୍ତତା ସର୍ବୋପରି ପରିବର୍ତ୍ତିତ ପରିଚୟ କ୍ରମେ ସିଏ ମଥୁରା ପରେପରେ ଦ୍ୱାରକାରେ ଯାଇ ଅବସ୍ଥାନ କଲେ ସିନା ଗୋପପୁରକୁ ଆଉ ଫେରିନଥିଲେ । ଯଦିଓ ହୃଦୟରେ ତାଙ୍କର ଗୋପୀମାନଙ୍କ ପ୍ରତି ଅହେତୁକ ଦୁର୍ବଳତା ଥିଲା ତଥାପି 'ମୁଁ ଫେରିଲେ ତୁମର' ଉକ୍ତିଟି ସତେ ଯେପରି ଗୋପୀମାନଙ୍କ ପାଇଁ ଚିର ଆକାଂକ୍ଷିତ ହୋଇ ରହି ଯାଇଥିଲା ।

ଆମେ ସମସ୍ତେ କୌଣସି ସ୍ଥାନକୁ ଯିବା ସମୟରେ ଫେରିବା କଥା ଚିନ୍ତା କରିଥାଉ । ହେଲେ ଫେରିବା ବାଟଟି ତ ସବୁବେଳେ ଅଜଣା ଓ ସତେ ଯେପରି ଅଦୃଶ୍ୟ ଶକ୍ତି ଦ୍ୱାରା ନିୟନ୍ତ୍ରିତ । ଅନ୍ୟ ପକ୍ଷରେ ସବୁଠି ଘର ଛାଡ଼ିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଲଗା ଅଲଗା । କେଉଁଠି ପରିସ୍ଥିତି ଓ ପରିବେଶ ଚାପରୁ ମଣିଷ ଘର ଛାଡୁଥିବା ବେଳେ ଅନ୍ୟ କେଉଁଠି ବୃହତ୍ତର ଜନସ୍ୱାର୍ଥ ତଥା ଆତ୍ମିକ ଉନ୍ନତିରେ ନିଜକୁ ସାମିଲ କରିବା ପାଇଁ ଘର ଛାଡ଼େ । ସବୁବେଳେ ଯେ ଫେରିବା ବେଳକୁ ସମାନ ଶରୀର, ମନ ଓ ହୃଦୟ ନେଇ ମଣିଷ ଫେରିବ ତାର କୌଣସି ନିଶ୍ଚିତତା ମଧ୍ୟ ନଥାଏ । କେତେବେଳେ ଫେରିବା ବାଟକୁ ଚାହିଁ ଚାହିଁ ଅନ୍ତର୍ଦଗ୍ଧ ଭାବେ ବାପା, ମା, ସ୍ତ୍ରୀ, ପିଲା ମାନଙ୍କର ସ୍ୱର୍ଗବାସ ହୋଇ ଯିବାର ଅନେକ ଦୃଷ୍ଟାନ୍ତ ଆମ ସମାଜରେ ରହିଛି । ଫେରିବା ବାଟରେ କେତେବେଳେ ସାଁବାଲୁଆଟି ପ୍ରଜାପତି, ସୈନିକରୁ ଶହୀଦ, ସିଦ୍ଧାର୍ଥରୁ ଗୌତମ ବୁଦ୍ଧ କିମ୍ବା ମାନବରୁ ମହାମାନବ ହେବାର ନଜିର ରହିଛି । ସତରେ, ମୁଁ ଫେରିଲେ ସବୁବେଳେ ତୁମର ହୋଇ ନପାରେ ବରଂ ଆମ ସମସ୍ତଙ୍କର କିମ୍ବା କାହାର ହୋଇ ନ ପାରିବାର ସମ୍ଭାବନା ରହିଛି । କାରଣ ଯିବା ଆୟତ୍ତ, ମାତ୍ର ଫେରିବା ପରା ଅଣାୟତ୍ତ□ ।

# ବୃକ୍ଷ, ଜଙ୍ଗଲ ଓ ସଭ୍ୟତା


ସନ୍ତୋଷ କୁମାର ଅଦାବର
ବୀରମହାରାଜପୁର,
ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

ମନୁଷ୍ୟ ହେଉଛି ଏହି ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ତଥା ବୁଦ୍ଧିମାନ ଜୀବ । ନିଜସ୍ୱ ବୁଦ୍ଧି ଓ କୌଶଳ ଯୋଗୁଁ ସେ ଇତର ପ୍ରାଣୀଙ୍କ ଠାରୁ ଭିନ୍ନ ଏବଂ ଅନନ୍ୟ । । ଇତିହାସ ପୃଷ୍ଠାକୁ ଅବଲୋକନ କଲେ ମନୁଷ୍ୟ ଜାତିର ଅଭ୍ୟୁଦୟ ତଥା କ୍ରମ ବିକାଶ ଅତି ଚମତ୍କାର ଲାଗେ । ଆଦିମ ଯୁଗରେ ଆଦିମାନବ ଜୀବଜନ୍ତୁଙ୍କ ସହ ଘୋର ଅରଣ୍ୟରେ ଅନେକ ଘାତପ୍ରତିଘାତ ଦେଇ କାଳାତିପାତ କରୁଥିଲା । ଗୋଷ୍ଠୀ ଜୀବନ ସମୟରେ ବନ୍ୟପ୍ରାଣୀଙ୍କୁ ନିଜର ଅତ୍ୟାବଶ୍ୟକୀୟ କାର୍ଯ୍ୟରେ ଆସୁଥିବା କିଛି ପଶୁପକ୍ଷୀଙ୍କୁ ନିଜର ଗୃହପାଳିତ ପ୍ରାଣୀ ଭାବରେ ଘରେ ପାଳନକରି ରଖିଲା । ବନ୍ୟପ୍ରାଣୀ ତଥା ଗୃହପାଳିତ ପ୍ରାଣୀଙ୍କ ବ୍ୟତୀତ ଆଦିମାନବର ଅତି ଘନିଷ୍ଠ ବନ୍ଧୁ ଭାବରେ ବୃକ୍ଷ ମଧ୍ୟ ପରିଚିତ । ଖାଦ୍ୟ,ବସ୍ତ୍ର ତଥା ବାସଗୃହ ଭଳି ମୌଳିକ ଚାହିଦା ପୂରଣ କରିବା ପାଇଁ ବୃକ୍ଷର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ।

ପ୍ରସ୍ତର ଯୁଗରେ ମାନବ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁ ବୃକ୍ଷକୁ ଜୀବନଧାରଣର ଏକ ମୁଖ୍ୟ ଉତ୍ସ ବୋଲି ଗ୍ରହଣ କଲେ । ଖାଦ୍ୟ, ବାସସ୍ଥାନ, ଔଷଧ,ପୋଷାକ ତଥା ହାତହତିଆର ଭାବରେ ବୃକ୍ଷ ର ବିଭିନ୍ନାଂଶକୁ ଉପଯୋଗ କରାଗଲା । ପ୍ରକୃତିର ପ୍ରତିକୂଳ ପରିସ୍ଥିତି ସହ ଖାପଖୁଆଇ ବଞ୍ଚିବା ପାଇଁ ବୃକ୍ଷ ତଥା ଜଙ୍ଗଲକୁ ପ୍ରାଣୀମାନେ ଉପଯୁକ୍ତ ସ୍ଥାନ ବୋଲି ଗ୍ରହଣ କରିନେଲେ । କାଳକ୍ରମେ ନିଆଁର ଉଦ୍ଭାବନ, ଚକର ଆବିଷ୍କାର ତଥା ଅନ୍ୟାନ୍ୟ ଅଭିନବ କୌଶଳମାନ ଜଙ୍ଗଲରୁ ମନୁଷ୍ୟ ଶିଖିପାରିଲା ।

ବୃକ୍ଷ ବ୍ୟତିରେକ ସମଗ୍ର ପ୍ରାଣୀଜଗତ ତିଷ୍ଠି ପାରିବେ ନାହିଁ । କ୍ଷୁଦ୍ର ତୃଣଲତା ଠାରୁ ଆରମ୍ଭ କରି ବୃହତକାୟ ଦ୍ରୁମ ପର୍ଯ୍ୟନ୍ତ ସମସ୍ତଙ୍କର ଭୂମିକା ଊଣାଅଧିକେ ପ୍ରାଣୀଜଗତ ପାଇଁ ରହିଅଛି । ସମସ୍ତ ବୃକ୍ଷ ଯେ କେବଳ ଖାଦ୍ୟ କି ବାସସ୍ଥାନ ଦେବେ, ତା' ନୁହେଁ ।

**'ସେବି ତବ୍ୟୋ ମହାବୃକ୍ଷଃ ଫଳ ଛାୟା ସମନ୍ୱିତଂ**
**ଯଦି ଦୈବାତ୍ ଫଳଂ ନାସ୍ତି ଛାୟାକେନ ନିବାର୍ଯ୍ୟତେ ।'**

ଅର୍ଥାତ୍ ଫଳ, ପୁଷ୍ପ ପ୍ରଦାନ କରିପାରୁ ନ ଥିବା ବୃକ୍ଷ ଆମକୁ ସୂର୍ଯ୍ୟାଲୋକରୁ ଆରାମ ପାଇବା ପାଇଁ ଛାଇ ପ୍ରଦାନ କରିଥାଏ । ପ୍ରାଣୀଜଗତର ଅତ୍ୟାବଶ୍ୟକୀୟ ଅମ୍ଳଜାନ ଗ୍ୟାସ ତଥା ସବୁଜ କୋଠରୀ ପ୍ରଭାବରୁ ରକ୍ଷା କରିବାରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାଂପ୍ରତିକ ବିଶ୍ୱତାପନ ଏକ ମୁଖ୍ୟ ସମସ୍ୟା । ପତ୍ରରୁ ନିର୍ଗତ ଜଳୀୟ ବାଷ୍ପ ହିଁ ବିଶ୍ୱତାପନରୁ ରକ୍ଷା କରି ପାରିବ । ଅନାବୃଷ୍ଟି ଭଳି ପ୍ରାକୃତିକ ସମସ୍ୟା ମଧ୍ୟ ବନୀକରଣ ଯୋଗୁଁ ସମାଧାନ ହୋଇପାରିବ ।

ଆଧୁନିକୀକରଣ ଯୋଗୁଁ ଅନେକ କଳକାରଖାନା କରାଯାଇ ଏବଂ ସହରୀକରଣ ତଥା ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ଜଙ୍ଗଲ ନଷ୍ଟ ହେଉଛି । ବିବେକୀ ତଥା ବୁଦ୍ଧିମାନ ମନୁଷ୍ୟ ଆଧୁନିକତାର ଦ୍ୱାହି ଦେଇ ନିଜ କଟୁରୀରେ ନିଜ ଗୋଡ଼ ହାଣିଲା ଭଳି ଅବିଚାରିତ ଭାବରେ ଜଙ୍ଗଲ ସଂପଦର ନଷ୍ଟ କରି ଚାଲିଛି । ପନ୍ଦର କୋଡ଼ିଏ ବର୍ଷ ପୂର୍ବେ ଯେଉଁ ପରିବାରର ସଦସ୍ୟ ସଂଖ୍ୟା ଆଜିର ସଂଖ୍ୟାର ଅର୍ଦ୍ଧେକ ଥିଲା, ତା'ପାଇଁ ସମସ୍ତ ମୌଳିକ ଚାହିଦାର ଆବଶ୍ୟକତା ପଡ଼ିଲା । ଯଦ୍ୱାରାକି ବୃକ୍ଷର ଅବକ୍ଷୟ ଘଟିଲା । ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ଅନେକ ମୂଲ୍ୟବାନ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେଇ ମନମୁଖୀ ଜଙ୍ଗଲ ନଷ୍ଟ କରୁଛନ୍ତି । ବନୀକରଣ ନାମରେ କୋଟିକୋଟି ଅର୍ଥ ଧୂଳିସାତ ତଥା ଆତ୍ମସାତ ହେଉଅଛି । କେତେ କେତେ ଯୋଜନା କେବଳ କାଗଜପତ୍ର ମଧ୍ୟରେ ସୀମିତ ରହି ଯାଉଅଛି । ସଭ୍ୟତାର ବିକାଶ ଫଳରେ ମନୁଷ୍ୟ ନିଜକୁ ନିଜେ ଯେତିକି ସଭ୍ୟ ତଥା ଶିକ୍ଷିତ ବୋଲି ଗର୍ବ ଅନୁଭବ କରୁଛି, ସେତିକି ବିପଥଗାମୀ ହୋଇ ଅସୁବିଧାର ସମ୍ମୁଖୀନ ହେଉଛି । କମ୍ ଜନସଂଖ୍ୟା ବିଶିଷ୍ଟ ଦେଶ ବା ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଜଙ୍ଗଲ ସୃଷ୍ଟି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ସହରୀକରଣ ତଥା ଆଧୁନିକରଣର ଗନ୍ଧ ଦିନକୁ ଦିନ କମିବାରେ ଲାଗିଛି । ପରିବେଶ ସଂରକ୍ଷଣ ଦିଗରେ ସେ ରାଷ୍ଟ୍ରଗୁଡ଼ିକ ବିଶେଷ ଯତ୍ନବାନ ହେଉଛନ୍ତି । ଆମ ଭାରତୀୟମାନେ ନିଜକୁ ସଭ୍ୟ ଶିକ୍ଷିତର ନାରା ଦେଇ ଏବଂ ଅତ୍ୟାଧୁନିକତାର ଦ୍ୱାହି ଦେଇ ଧ୍ୱଂସଗାମୀ ହେଉଛି । ପାଶ୍ଚାତ୍ୟ ସଭ୍ୟତାର ବେଶଭୂଷା ଏବଂ ଖାଦ୍ୟ ପାନୀୟ ଆମ ଦେଶର ଲୋକମାନେ ଅନୁସରଣ ତଥା ଅନୁକରଣ କରୁଛନ୍ତି, ବରଂ ସେମାନଙ୍କର ଜୀବନଧାରଣ ଶୈଳୀ ଓ କୌଶଳ ଗୁଡିକୁ ଅଣଦେଖା କରୁଛନ୍ତି ।

ବୃକ୍ଷ ସହ ପ୍ରାଣୀର କ୍ଷୀର ନୀର ସଂପର୍କ ରହିଛି । ଗୋଟିଏର ବ୍ୟତିରେକେ ଅନ୍ୟଟି ଭିତ୍ତିହୀନ ତଥା ମୂଲ୍ୟହୀନ ହୋଇ ପଡ଼ିବ । ଏଥିରେ କୌଣସି ଦ୍ୱିମତ ନାହିଁ । ସଭ୍ୟତାର ତାଳେତାଳେ ପରିବେଶ ସହ ନିଜକୁ ଖାପଖୁଆଇ ପୃଥିବୀର ସମସ୍ତ ପ୍ରାଣୀ ଜୀବନରେ ବଞ୍ଚିବାକୁ ହେଲେ, ଅତୀତକୁ ମନ୍ଥନ କରିବାକୁ ହେବ, ଭବିଷ୍ୟତକୁ ସତର୍କତାର ସହ ଜଗିବାକୁ ହେବ ଏବଂ ବର୍ତ୍ତମାନକୁ ପରଖି ନିରେଖି ଯିବାକୁ ହେବ, କାରଣ ଏହା ସମଗ୍ର ମାନବ ସମାଜର ହାତରେ ଅଛି ।

# ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଙ୍କଟ- ଏକ ଆହ୍ୱାନ


ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

୨୦୨୪ ଦେଶର ଲୋକସଭା ଓ କେତେକ ରାଜ୍ୟରେ ବିଧାନସଭା ପାଇଁ ନିର୍ବାଚନ ବିଗୁଲ ବାଜିବା ସହ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବିଭିନ୍ନ ଦଳ ବିଶେଷକରି ବିଜେପି, କଂଗ୍ରେସ, ଆମ ରାଜ୍ୟର ବିଜେଡ଼ି ଓ ଅନ୍ୟାନ୍ୟ ରାଜନୈତିକ ଦଳ ସେମାନଙ୍କର ଇସ୍ତାହାର ପ୍ରକାଶ କରିଛନ୍ତି । ନିର୍ବାଚନ ଆସିଲେ ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ଇସ୍ତାହାର ପ୍ରକାଶ କରିଥାନ୍ତି । କିନ୍ତୁ ନିର୍ବାଚନ ସରିଗଲେ ଇସ୍ତାହାର ଇସ୍ତାହର ବାଟରେ ଓ କାମ ହୁଏ ଗୋଟିଏ ବାଟରେ । ଅନ୍ୟ ଅର୍ଥରେ କହିଲେ ଇସ୍ତାହାର ଅନୁସାରେ କାର୍ଯ୍ୟ ହୁଏ ନାହିଁ । ସେଥିପାଇଁ କୁହାଯାଏ ଚଷା ହୁଡ଼ିଲେ ବରଷେ, ଭୋଟର ହୁଡିଲେ ପାଞ୍ଚ ବରଷ । ବର୍ତ୍ତମାନ ସାରା ବିଶ୍ୱ ସମେତ ଆମଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତନ୍ମଧ୍ୟରୁ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସଙ୍କଟ ଏକ ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଛି । ଜୀବଜଗତ ପାଇଁ ଏହା ଏକ ଆହ୍ୱାନ ଏଭଳି ପରିସ୍ଥିତିରେ ସବୁ ରାଜନୈତିକ ଦଳ ସେମାନଙ୍କ ଇସ୍ତାହାରରେ ଏହି ଦୁଇଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଜରୁରୀ ମନେହୁଏ । ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକ ବିପଦ ଭାବେ ଉଭା ହୋଇଛି । ଏହାର ପ୍ରଭାବରେ ଅନେକ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି । ଏଥି ପାଇଁ ସତର୍କତା ଅବଲମ୍ବନ ଜରୁରୀ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି ।

ଅସ୍ୱାଭିବିକ ଜଳବାୟୁ ପରିବର୍ତ୍ତନ , ତାପାୟନ ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଯୋଗୁଁ ଅଚାନକ ବନ୍ୟା, ମରୁଡି, ସାମୁଦ୍ରିକ ଜୁଆର, ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲି ହୋଇଯିବାର ଅନୁମାନ କରାଯାଉଛି । ଏସବୁ ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି । ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ବିଶ୍ୱ ସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି । ଏକ ହିସାବ ଅନୁସାରେ ଖୁବ୍ ନିକଟରେ ପୃଥିବୀର ୩୮-୪୦ପ୍ରତିଶତ ଭୂଭାଗ ବର୍ତ୍ତମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନ୍ରେ ପ୍ରବେଶ କରିଥିବ । ଏବଂ ଆଗକୁ ପୃଥିବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍କୁ ଆସିବା ସହିତ ଗରମ ଜୋନ ଥିବା ଅଞ୍ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି । ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା । ସୂଚନାଯୋଗ୍ୟ ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ ।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି । ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟାକୁ ଆମେ ଭୁଲିପାରିବା ନାହିଁ । ସଦ୍ୟପ୍ରାପ୍ତ ସୂଚନା ଅନୁସାରେ ୨୦୫୦ ସୁଦ୍ଧା ମରୁଭୂମି ପାଲଟିବ ବଲାଙ୍ଗୀର ବୋଲି ଜଣାପଡିଛି । ୧୯୦୧ରୁ ୧୯୫୦ ମସିହା ଭିତରେ ଜିଲ୍ଲାରେ ବର୍ଷକୁ ୬୭ଦିନ ବର୍ଷା ହେଉଥିଲା ୧୯୫୦ ରୁ ୧୯୯୦ ମସିହାରେ ତାହା ୫୯ ଦିନକୁ ଆସିଛି । ଏବେ ବର୍ଷାଦିନ ସଂଖ୍ୟା ୫୦ ତଳେ ରହିଛି । ପରିଣାମ ସ୍ୱରୂପ ବଲାଙ୍ଗୀର ଜିଲ୍ଲା କ୍ରମାଗତ ମରୁଡିର ସମ୍ମୁଖୀନ ହେଉଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ । ଏହି ଜଳବାୟୁ ପରିବର୍ତ୍ତନ ଆମ ଦେଶର ଅର୍ଥନୀତିକୁ ୨୦୨୧ ମସିହାରେ ପ୍ରଭାବିତ କରିଛି । ୨୦୪୦ ମସିହା ବେଳକୁ ଦେଶର ଦାରିଦ୍ର୍ୟ ହାର ୩.୫ ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡିଛି । ଖାଲି ସେତିକି ନୁହେଁ ବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀର ୧୪.୧୭ ପ୍ରତିଶତ ଭୂଭାଗର ଜଳବାୟୁ ପରିବର୍ତ୍ତନ ହୋଇଛି । ଉତ୍ତର ଆମେରିକା, ୟୁରୋପ, ଓସେନିୟାର ସର୍ବାଧିକ ପରିବର୍ତ୍ତନ ହୋଇଛି । ବିଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ଆହୁରି ବଢିବାର ସମ୍ଭାବନା । ଫଳସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ ବଢି ବଢି ଯିବ । ଏଣୁ ଏଦିଗରେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ । ଏହାହିଁ ସମୟର ଆହ୍ୱାନ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



# ପୂଣ୍ୟ ପରବ ଅକ୍ଷି ତୃତୀୟା..

*ରାମଚନ୍ଦ୍ର ବେହେରା*

ବୈଶାଖ ମାସେ ତପତ ମହୀ
ସହି ହୁଏନି ଖରା
ତାପ ନମାନି ଆସୁଛି ହସି
ଅକ୍ଷି ତୃତୀୟା ପରା
ପାଞ୍ଜିକୁ ପଢି କୃଷକ ଭାଇ
ହସୁଛି ଖୁସି ମନେ
ଅକ୍ଷି ତୃତୀୟା ପୂଣ୍ୟ ତିଥିରେ
ପୂଜିବ କ୍ଷେତ ଧାନେ
ଗାମୁଛା ସିଏ ଅଣ୍ଟାରେ ଭିଡି
ଧାନ ଗଉଣି ଧରି
କ୍ଷେତକୁ ଯାଇ ବୁଣିବ ମଞ୍ଜି
ମନେ ଶରଧା ଭରି
ଆମ ରାଇଜେ ଅକ୍ଷି ତୃତୀୟା
ବଡ ପରବେ ଗଣା
ସେଦିନ ଚାଷ ଆରମ୍ଭ କଲେ
ନହୁଏ କିଛି ଊଣା
ଚାଷୀଭାଇର ପୂଜା ବିଧିରେ
ହସିବ ଲକ୍ଷ୍ମୀ ମାଆ
ଗହୀର କ୍ଷେତେ ବରଷ ସାରା
ଫସଲ ହେବ ଠିଆ
ଭଲ ଅମଳ ମିଳିବା ଆଶେ
ହସିବ ତାର ପ୍ରାଣ
ଆସ ସଭିଏଁ କ୍ଷେତକୁ ଯାଇ
ପୂଜିବା ହୋଇ ମେଳ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ଛେଳି ଚରିଗଲା ସାତୋଟି ଗାଆଁ

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ପପୁ ଦିପୁ, ରିପୁ ଆଉ ବୁବୁନ୍- ଏ ଚାରିଜଣ ଭାରି ସାଙ୍ଗ । ଦିନେ ପପୁ ବୁବୁନକୁ କହିଲା- 'ଆରେ ସାଙ୍ଗ ! ଆମେ ଯାହାକିଛି ଭାବୁଥିଲେ ଏ ଘନ ଜଙ୍ଗଲଟି ତାହାଠୁ ମଧ୍ୟ ସୁନ୍ଦର । ମନେ ହେଉଚି ଯେମିତି ମୋଗଲ ଯୁଗର କାହାଣୀରେ ବର୍ଣ୍ଣନା କରାଯାଇଥିବା ଘଞ୍ଚ ବଣରେ ଆମେ ଦି'ଜଣ ଆସି ପହଞ୍ଚିଯାଇଚେ ।' ଆଚ୍ଛା ସାଙ୍ଗ ! ଏବେ କୁହ ଆମେ ମଜାମଉଜ କରିବା ପାଇଁ କ'ଣ କ'ଣ କରିବା ? ବୁବୁନ କହିଲା, 'ମୁଁ ପୋଖରୀରେ ବୁଡ ମାରିବି ।' ସେଇଠୁ ଦିପୁ କହିଲା-'ମୁଁ ଜଙ୍ଗଲରେ ଥିବା ଢେଉଢେଉକା ପାହାଡ ଚଢି ଚୂଡାରେ ପହଞ୍ଚିଯିବି ।' ପପୁ କହିଲା- 'ମୁଁ ସେ ଝଙ୍କାଳିଆ ଗଛରୁ ପାକଲା ମିଠା ଫଳ ତୋଳି ଖାଇବି ।' ତା'ଛଡା, ମାଙ୍କଡ଼କୁ ଆଖି ଠାରେଇ ଦେଖିବି ।' ବୁବୁନ କହିଲା- 'ମୁଁ ମଧ୍ୟ ମଧୁର ସଙ୍ଗୀତ ଗାନ କରି ଶୁଣାଇବି ।' ଦିପୁ ଫେର କହିଲା-'ମୁଁ ସେ ବିରାଟ ବରଗଛ ଓହଳରେ ଝୁଲିବି ।' ସେଉଠୁ ରିପୁ କହିଲା, 'ମୁଁ ମଜାଳିଆ ଭିଡିଓ ବନେଇବି ।' ଖାଲିସେତିକି ନୁହେଁ, ସମସ୍ତଙ୍କ ପାଇଁ ଗୁପ୍‌ଚୁପ୍ ମଧ୍ୟ ବନେଇବି ।' ବୁବୁନ କହିଲା- 'ଆରେ ସାଙ୍ଗ ! ତୁ କ'ଣ ଏକୁଟିଆ ଗୁପ୍‌ଚୁପ୍ ଚାଟିଚୁଟି ଖାଇଦେବୁ ନା କଣ ?'

ଏ ଭିତରେ ରିପୁ କୁଆଡେ ସାଏଁକିନା ପଳାଇଗଲା । ଅନ୍ୟ ସାଙ୍ଗମାନେ ସମସ୍ତେ ବଡପାଟିରେ କୁହାଟ ଛାଡିଲେ-'ଆରେ ରିପୁ ! କୁଆଡେ ଅଛୁ ?' ହେଲେ କୋଉଠି ଜବାବ ଆସିଲାନାଇଁ । କିଛିକ୍ଷଣ ପରେ ବୁବୁନ କହିଲା- 'ଆରେ ହେଇଟି ଦେଖ ସେଇ ରିପୁକୁ, ସେ ଗହଳିଆ ବୁଦାମୂଳେ ଚୁପ୍‌ଚାପ୍ ବସିରହିଚି ।' ଅନ୍ୟ ସାଙ୍ଗସବୁ ଏକାବେଳକେ କହିଲେ-'ଆମେ ସବୁ ଡରିମରି ଛାନିଆ ହୋଇଯାଇଥିଲୁ । ତୁ ଏଇଠି କ'ଣ କରୁଚୁ ରିପୁ ?'

ମୁଁ ପରା ପାକଲା ମିଠା କୋଳି ତୋଳିବାକୁ ଆସିଥିଲି । ମୁଁ ପୁଞ୍ଜାଏ ପାଚିଲା କୋଳି ଶାଗୁଆ ପତ୍ରରେ ଏକାଠି କରିଥିଲି, କିନ୍ତୁ...।' 'କିନ୍ତୁ ମାନେ ! 'ସମସ୍ତେ ଏକ ସ୍ୱରରେ ପ୍ରଶ୍ନ କଲେ । କୋଉଠି ଥିଲା କେଜାଣି ହନୁମାଙ୍କଡଟିଏ ଖେଁ ଖେଁ ହୋଇ ଡେଇଁ ଡେଇଁକା ଏଠିକି ଆସିଲା । ସେ ପତ୍ର ସାଙ୍ଗକୁ କୋଳିତକ ଝାମ୍ପିନେଇ ଏଠୁ ଚମ୍ପଟ ମାରିଲା ।' ପପୁ କହିଲା- 'ଓହୋ ! ତା'ମାନେ ବହୁତ ଲୋକସାନ ହେଲା । ରିପୁ କହିଲା-'ଆରେ ଭାଇ ! ମୋ କୋଳିତକ ସେ ବଦମାସ୍ ମାଙ୍କଡ ଝାମ୍ପି ନେଇଗଲା ।' ତା'ପରେ ପପୁ କହିଲା-'ଆରେ ଭାଇ ! ଯେତେବେଳେ ପୂରା ହୋଇଥିବା କୌଣସି କାମ ନଷ୍ଟ ହୋଇଯାଏ ସେତେବେଳେ ସାତୋଟି ଗାଁ ଛେଳି ଚରିଗଲା ବୋଲି କୁହାଯାଏ । ଆଚ୍ଛା ତୁ ଗୋଟ ଗପ ଶୁଣୁ... ଆଗ କାଳର କଥା ।



ରାଜା ଆଖଡା ପାଇଁ ଜଙ୍ଗଲ ଆଡେ ମୁହାଁଇଲେ । ସେତେବେଳେ ରାଜା ମହାରାଜାମାନେ ଶିକାର କରୁଥିଲେ । ହେଲେ ସେ ରାଜାଙ୍କୁ ଶିକାର ମିଳିଲା ନାଇଁ । ସେ ଜଙ୍ଗଲରେ ବାଟବଣା ହୋଇଗଲେ । ସୈନ୍ୟମାନେ ତାଙ୍କୁ ବହୁତ ଖୋଜାଲୋଡା କଲେ, ହେଲେ କୋଉଠିହେଲେ ତାଙ୍କୁ ଠାବ କରିପାରିଲେ ନାଇଁ । ଦିନଗଡି ମୁହଁସଂଜ ମାଡ଼ିଆସିଲା । କାଳିଅନ୍ଧାର ଘୋଟି ଆସିଲା । ତତ୍‌କ୍ଷଣାତ ରାଜାଙ୍କ ଆଖି ପହଁରିଗଲା ମିଂଜିମିଂଜି ଜଳୁଥିବା ଆଲୁଅ ଆଡେ । ସେ ଆଲୁଅ ନିକଟତର ହୋଇ ରାଜା ଯାହା ଦେଖିଲେ ସେଥିରୁ ତାଙ୍କୁ ଜଣାପଡିଲା ସେଠି ଗୋଟେ ଛୋଟିଆ ଘରେ କୌଣସି ଜଣେ ଲୋକ ସପରିବାର ରହୁଚି । ସେମାନେ ରାଜାଙ୍କୁ ସିନିହ ଆଦରରେ ପାଛୋଟି ନେଇ ଅତିଥି ସତ୍କାର କଲେ । ରାଜା ଖୁସି ଆନନ୍ଦରେ ବିଭୋର ହୋଇ ପରିବାରର ମୁଖିଆଙ୍କ ନାମରେ ସାତୋଟି ଗାଆଁ ଏକ ଶାଗୁଆ ପତ୍ରରେ ଲେଖିଦେଲେ । ରାଜାଙ୍କୁ ବାଟେଇ ଦେଇ ପରିବାର ଲୋକେ ଘରକୁ ଲେଉଟି ଆସିଲେ । ଶାଗୁଆ ପତ୍ରରେ ରାଜାଙ୍କ ହାତଲେଖା ଖଣ୍ଡିକ ଘରେ ସାଇତିରଖି ନିଜ ନିଜର କାମରେ ମାତିଗଲେ । ବେଳବୁଡକୁ ଛେଳି ଆସି ସେ ଶାଗୁଆ ପତ୍ରଖଣ୍ଡିକ ଗିଳି ପକାଇଲା । ସେଇଦିନୁ କୁହାଯାଏ- ସାତୋଟି ଗାଆଁ ଛେଳି ଚରିଗଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାରସିଟି, ପ୍ଲଟ୍‌ନଂ-୪୫୬, ଲେନ୍ ନଂ-୯*
*ଲକ୍ଷ୍ମୀସାଗର କେନାଲରୋଡ୍ , ବୁଦ୍ଧେଶ୍ୱରୀ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ଟିପା ଖାତାର କି କରାମତି

*ନୀଳମଣି ଚାନ୍ଦ*



ପଢିଲି ଟିନା ଟିପା ଖାତାଟି
ଆଚମ୍ବିତ ମୁଁ ହେଲି
ଜାଣିବା କଥା ଥିଲାରେ ଭରି
ଏକଥା ବୁଝିନେଲି

ଲେଖିଥିଲା ସେ ବୈଶାଖ ମାସ
ଶୁକ୍ଳ ତୃତୀୟା ଦିନ
ଶ୍ରୀକ୍ଷେତ୍ରେ ଶୁଭାରମ୍ଭ ହୁଅଇ
ତିନି ରଥ ନିର୍ମାଣ

'ଚନ୍ଦନ ଯାତ' ଆରମ୍ଭ ସିନା
ହୁଅଇ ଏହି ଦିନୁ
ଅକ୍ଷୟ ତୃତୀୟା କୃଷି କର୍ମ
ଆରମ୍ଭ ବୋଲି ଚିହ୍ନୁ

ହଳ ଲଙ୍ଗଳ ଅଖିମୁଠିକୁ
ନେଇକି ଚାଷୀ ଭାଇ
କରଇ ମୁଠି ଅନୁକୂଳ ସେ
କ୍ଷେତକୁ ତା'ର ଯାଇ

ଇଏ 'କୃଷକ ଦିବସ' ଭାବେ
ପାଳିତ ହୁଏ ପରା
ଏ ଦିନ କେତେ ଶୁଭକର୍ମ ଯେ
ସବୁଠି ହୁଏ କରା

ଟିପାଖାତାର କି କରାମତି
ପାରିଲି ବୁଝି ଆଜି
ପଢ଼ିବ ଯିଏ ସେ ଖାତା ଥରେ
ହେବରେ ସିଏ ରାଜି ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*



# ଅକ୍ଷୟ ତୃତୀୟା

*ଆଦ୍ୟାଶା ମହାପାତ୍ର*

ବାରମାସେ ତେର ପରବ ପାଳନେ
ଉତ୍କଳର ଅଛି ଖ୍ୟାତି
ବଇଶାଖ ଶୁକ୍ଳ ତୃତୀୟାରେ ପଡେ
ଅକ୍ଷୟ ତୃତୀୟା ତିଥି

ଏଇ ଶୁଭ ଲଗ୍ନେ ତିନି ଠାକୁରଙ୍କ
ଆରମ୍ଭ ରଥ ନିର୍ମାଣ
ବଳରାମ ଆଉ ରେବତୀ ବିବାହ
ହୁଏ ଆଜ ଦିନ ଜାଣ

ପୂଜିଣ ଧରଣୀ ଅକ୍ଷି ମୁଠି ବୁଣି
ଚାଷୀ ମନାସଇ ଫଳ
ସେହି ଦିନ ଠାରୁ ଚାଷ କାର୍ଯ୍ୟ ତା'ର
କରଇ ସେ ଅନୁକୂଳ

ଗଣେଶଙ୍କ ଦ୍ୱାରା ମହାଭାରତର
ଲେଖା ଆରମ୍ଭିଲେ ବ୍ୟାସ
ସୂର୍ଯ୍ୟଦେବ ଆଣି ଜ୍ୟେଷ୍ଠ ପାଣ୍ଡବଙ୍କୁ
ଦେଲେ ଅକ୍ଷୟ କଳସ

ନିଦାଘ କଷଣ କରିବାକୁ ଦୂର
ପ୍ରଭୁ ଶ୍ରୀ ଅଙ୍ଗେ ଚନ୍ଦନ
ଚାପ ଯେ ଖେଳନ୍ତି ଚନ୍ଦନ ଯାତରେ
ହରଷ କରିଣ ମନ

ଜନକ ଋଷି ଯେ ଭୂମି କର୍ଷଣରୁ
ହୋଇଥିଲେ ସୀତା ପ୍ରାପ୍ତ
ସନ୍ଥ ଜୟଦେବ ଋଷି ପର୍ଶୁରାମ
ହୋଇଥିଲେ ଆଜି ଜାତ

ସୂର୍ଯ୍ୟବଂଶୀ ରାଜା ଭଗୀରଥ ପୁଣି
ଗଙ୍ଗା ମାତା ପୂଜା କରି
ଅଭିଶାପ ମୁକ୍ତ କରିବାକୁ ବଂଶ
ଧରାକୁ ଆଣିଲେ ବରି

ଅକ୍ଷୟ ତୃତୀୟା ଦିନଟି ପବିତ୍ର
ନାହିଁ ବେଳକାଳ ଲଗ୍ନ
ପ୍ରତିଟି କାର୍ଯ୍ୟର ଶୁଭାରମ୍ଭ ଲାଗି
ଅଟଇ ପବିତ୍ର ଦିନ ।

*ନୂଆପଡା, କଟକ*

# ମାମୁଁ ଘର ସୁଖ କୋଉଠି ନାହିଁ

*ସୁରମା ମିଶ୍ର*



ନାଉରିଆ ଭାଇ ଆରେ ଆ
ପାରି କରି ଦେଇ ଯାରେ ଯା
ନଈ ଆର ପାରି ମୋ ମାମୁଁ ଘର
ବାଧିକି ପଡ଼ିଛି ଆଇଟା ମୋର

ମନଟା ମୋର ମୋଟେ ବୁଝୁନି
ଆଇକି ଟିକେ ଦେଖି ପାରୁନି
କେତେ ଭଲ ପାଏ ଆଇକୁ ମୁହିଁ
ତା ସ୍ନେହଟି ଭୁଲି ପାରୁ ତ ନାହିଁ

ସକାଳୁ ମାଲପା ଲଗାଇ ଦେଇ
ଘଷା ଘଷି କରି ଦିଏ ଗାଧୋଇ
କଂସାଏ ପଖାଳ ହାଣ୍ଡିରୁ ଆଣି
ପାଗ ପାଣି କରେ ମୋ ମନ ଜାଣି

ଗୁଣ୍ଡା ଗୁଣ୍ଡା କରି ଦିଏ ଖୁଆଇ
ସେ ପଖାଳ ସ୍ୱାଦ ଭୁଲି ନୁହଇ
ଖରା ଛୁଟି ଏବେ ହୋଇଛି ମୋର
ଯିବିରେ ଯିବି ମୁଁ ମୋ ମାମୁଁ ଘର

ଗାଁ ଆମ୍ବ ତୋଟା ବଣ ଝରଣା
ମନେ ପଡ଼ି ଗଲେ ହୁଏ ମୁଁ ବଣା
ବାଟି ଖେଳ ଆଉ ଡ଼ାବର ପୁଆ
ଏ ଦୁଇଟି ମୋତେ କରେ ବାଇଆ

ତା ସାଙ୍ଗରେ ଥାଏ ଶୁଖୁଆ ଭଜା
ଖାଇବାକୁ ଲାଗେ ବହୁତ ମଜା
ସହରେ ଏ ଖାଦ୍ୟ ସାତ ସପନ
କେବେ ମୋର ଆଶା ନୁହେଁ ପୁରଣ

ମାମୁଁ ଘର ଗାଁ ପାଟ ପୋଖରୀ
କାଚ କେନ୍ଦୁ ପାଣି ରହିଛି ଭରି
ସେ ପାଣିରେ ବୁଡ଼ି ଦେଲେ ଗାଧୋଇ
ବହୁତ ଆରାମ ମୋତେ ଲାଗଇ

ଖେଳୁ ଖେଳୁ ସଂଜଟା ଯାଏ ଗଡି
ମାମୁଁ ଆସି କାନ ଦିଅନ୍ତି ମୋଡ଼ି
ମାଇଁ ବାଢ଼ିଥାନ୍ତି ତବତ ଭାତ
କୋଳଥ ଡାଲିର ସ୍ୱାଦ ବହୁତ

ସେଥିପାଇଁ ମାମୁଁ ଘରକୁ ମୁହିଁ
ବାହାନା ଦେଖାଇ ଆସଇ ଧାଇଁ
ମାମୁଁ ଘର ସୁଖ କୋଉଠି ନାହିଁ
ଯେତେ ଖୋଜିଲେ ବି ପାଇବି କାହିଁ ।

*ବିଏଲ-୩୯, ଭିଏସଏସ ନଗର ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

# ଖରାଦିନ ଓ ଜଳଛତ୍ର

*କୀର୍ତ୍ତନ ସାହୁ*



ମେଘ ଉଠାଉନି ବରଷା ହେଉନି
ଦିନୁ ଦିନ ଖରା ବଢେ
ଜଳଛତ୍ର ଏକ ଖୋଲା ଯାଇ ଅଛି
ସ୍କୁଲ ପାଚେରୀ କଡେ

ବାଟେ ଯିବା ଲୋକ ଠିଆ ହୋଇ ଟିକେ
ଖୁସିରେ ପିଅନ୍ତି ପାଣି
କହନ୍ତି ତମେରେ ଭଲ କାମ କର
ପାଣି ଦିଅ ମନ ଜାଣି

ତାହାରି କଡ଼କୁ ଗରିବ ପିଲାଟେ
ବସି ଅଛି ତୁନି ହୋଇ
ପିଇବା ପାଇଁ ତା ହାତ ବଢ଼ାଉଛି
କାହାରି ବି ଦୃଷ୍ଟି ନାହିଁ

ସ୍କୁଲ ଛୁଟି ହେଲା ମାମା ଯାଉଥିଲା
ଜଳଛତ୍ର କଡ ଦେଇ
ପିଲାଟି ଉପରେ ଦୃଷ୍ଟି ପଡ଼ିବାରୁ
ପାଣି ଗ୍ଲାସେ ଦେଲା ନେଇ

ଖୁସିରେ ପିଲାଟି ପିଇ ଦେଇ ପାଣି
ଧୀରେ ଧୀରେ ସେଠୁ ଯାଏ
ଅନ୍ୟ ପିଲା ଦେଖି ହସି କହି ଗଲେ
ଯେ ଯାହା ମନକୁ ପାଏ

ଏହା ଦେଖିପାରି ଗୁରୁଜୀ କହିଲେ
ମାମା ଠିକ କାମ କଲା
ତମେ ପିଲା ମାନେ ଭଲ କାମ ଦେଖି
ହସୁଛ କାହିଁକି ଭଲା !

ଦୁଃଖୀ ରଙ୍କି ହେଉ ପିଲା ବୁଢ଼ା ହେଉ
ପାଣି ଦେବା ଭଲ କାମ
ଛୋଟ ବେଳୁ ଭଲ ମନ ନେଇ କାମ
କରିଲେ ରଖିବ ନାମ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଜମାରୁ ଖରାକୁ ଯାଆନା

*ପ୍ରଦୀପ୍ତ କୁମାର ଦାସ*



ମୁଣ୍ଡ ବୁଲେଇକି ପଡ଼ିଯିବ ଜେଜେ
ଜମାରୁ ଖରାକୁ ଯାଆନା -
ନିଶା ଦରବଠୁ ରୁହ ଦୂରେଇକି
ସେଥିରୁ କିଛିବି ଖାଆନା,

ଏଥରକ ହାଟ ନହେଉ ପଛକେ
ଛକରୁ ଆଣିବା ପରିବା -
ଭଜାଭଜି କରି ଆଜି ସଞ୍ଜବେଳେ
ଦହିପଖାଳ ତ କରିବା,

କାଲି ଖରାବେଳେ ଲେମ୍ବୁ ସରବତ
ପେଇବା ଲୋକଙ୍କୁ କରିକି -
ଲମ୍ବା ବେଣ୍ଟବାଲା ଗିଲାସକୁ ତମେ
ଭଲଭାବେ ଥିବ ଧରିକି,
ଫେରିବା ବେଳକୁ ଜେଜେ ମାଆ ପାଇଁ
ତରଭୁଜ ନେବା କିଣିକି -
କହିବ ହସିକି ଦେଖ ଜେଜେ ନାତି
ଆସିଗଲେ ଗଡ଼ ଜିଣିକି,
ତା କଥା ଶୁଣିକି ବାପା ବୋଉ ମୋର
ମୁରୁକି ମୁରୁକି ହସିବେ -
ସାରା ପରିବାର କୁଲର ଖୋଲିକି
ଖାଇବା ପାଖରେ ବସିବେ,
ଖରାଦିନେ ଟିକେ ଜଗିକି ଚଳିଲେ
ପାଖ ମାଡିବନି ବିପଦ -
ତମ ମାନଙ୍କୁ ମୁଁ ଭଲପାଏ ବୋଲି
ଲେଖିଦେଲି ଆଜି ଦି'ପଦ ।

*କଣ୍ଟାବଣିଆ, ଛତ୍ରପଡ଼ା,*
*ପ୍ରୀତିପୁର, ଯାଜପୁର*
*ମୋ- ୭୨୦୫୯୮୨୪୮୫*

# ଗଛଟି ଥିଲେ

*ଆଶ୍ଚର୍ଯ୍ୟ କ୍ଷିତୀଶ ଜେନା*

ଗଛଟି ଥିଲେ ଖରା ଦିନରେ
ପଥିକ ପାଏ ଛାଇ
ଅଙ୍ଗାରକାମ୍ଳ ହାର କମାଏ
ଅମ୍ଳଜାନ ସେ ଦେଇ
ଗଛଟି ଥିଲେ ହୁଏ ବରଷା
ମରୁଡ଼ି ହଟେ ପରା
ତାହାରି ପାଇଁ ପାଉରେ ଖାଦ୍ୟ
ଆମେରେ ବର୍ଷ ସାରା
ଗଛଟି ଥିଲେ ତାହାଠି ଯାଇ
ଗଢ଼ଇ ବସା ପକ୍ଷୀ

ଗଛଠୁ ପୁଣି ଆହାରେ ମଧୁ
ସରାଗେ ମଧୁମକ୍ଷୀ
ଗଛଟି ଥିଲେ ସୁଲୁସୁଲିଆ
ବାଆ ବହଇ ପରା
ମିଳଇ ଶାନ୍ତି ଶରୀର କ୍ଲାନ୍ତି
ଦୂର କରଇ ପୂରା
ଗଛଟି ଥିଲେ ଝଡ଼ା ପତର
ମିଳେ ରୋଷେଇ ପାଇଁ
ସବୁଜ ଦିଶେ ଜଗତ ହସେ
ସୁନ୍ଦର ଦିଶେ ମହୀ



ଗଛଟି ଥିଲେ ଗ୍ରୀଷ୍ମର ଖରା
ଏତେ ବାଧନ୍ତା ନାହିଁ
ଗଛଟି ସାଙ୍ଗ, ଭାଇ ଓ ବନ୍ଧୁ
ଗଛକୁ ହାଣ ନାହିଁ ।

*କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର*
*ମୋ-୭୮୭୩୫୧୦୦୨୭*

# ଆସି ଗ୍ରୀଷମ ତତାଏ ଧରା

*ପ୍ରଫୁଲ୍ଲ କୁମାର ସାହୁ*



ଆସି ଗ୍ରୀଷମ ତତାଏ ଧରା
ନିଆଁ ବରଷେ ଦିନର ଖରା
ଦେହରେ ଲାଗେ ଚିଆଁ,
କୁହତ ପିଲେ କାମ ନଥିଲେ
କୁଆଡେ ଯିବା କିଆଁ ? ।୧।

ପଦାକୁ ଯେବେ ହେବା ବାହାର
ନିୟମ ମାନି ଅଂଶୁଘାତର
ସଜାଗ ଆମେ ହେବା,
ଗାମୁଛା ଛତା ପାଣି ବୋତଲ
ସାଥିରେ ଆମେ ନେବା । ।୨।

ପାଦରେ ଜୋତା ଆମେ ପିନ୍ଧିବା
ଧଳା ଗାମୁଛା ମୁଣ୍ଡେ ବାନ୍ଧିବା
ହାତରେ ଛତା ଧରି,
ପଦାକୁ ଗଲେ ଡର ନଥିବ
ଫେରିବା କାମ ସାରି । ।୩।

ଜଳ ଛତର ବାଟରେ ଦେଖି
ସେଠାରେ ଟିକେ ଯିବା ଅଟକି
ନକରି ଆଉ ଡେରି,
ଶୀତଳ ଜଳ ମାଗି ପିଇବା
ସଭିଏଁ ପେଟ ଭରି । ।୪।

ବାଟେ ଦେଖିଲେ ଗଛର ଛାଇ
ସେଠାରେ ଟିକେ ବସିବା ଯାଇ
ଥକ୍କା ମେଣ୍ଟିବ ଯେବେ,
ନିଜ କାମକୁ ଶୀଘ୍ର ସାରିବା
ଭୁଲିବା ନାହିଁ କେବେ ।।୫।

ବାଟରେ ଆଖୁ ରସ ପିଇବା
ତରଭୁଜଟି କିଣି ଖାଇବା
ଦେହ ପାଇଁ ଯା' ହିତ,
ଖରା ଦିନିଆ ଫଳ କାକୁଡି
ବାଟୋଇ ଭାଇ ମିତ ।।୬।

ପଖାଳ ଘୋଳ ଦହି ତୋରାଣି
ସକାଳୁ ଆମେ ପିଇବା ଆଣି
ଅଭ୍ୟାସ କରି ନିତି,
ନଥିବ ଆଉ ଖରାର ଡର
ବାଧିବ ନାହିଁ ତାତି ।।୭।

*ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,*
*ମାହାଙ୍ଗା, କଟକ -୭୫୪୨୦୭*
*ମୋବାଇଲ -୭୬୦୯୦୪୪୩୮୩*



# ବିଞ୍ଚଣା

*ଗୋପୀନାଥ ଦାଶ*

ବାହାର ଝାଂଜି, ଭିତର ଗରମ
ଗମ ଗମ ଝାଳ, ବିରକ୍ତି
ଖୁମ୍ପୁ ଥିଲା, ଉସକାଉଥିଲା ତାତି
ବଣୁଆ କୁକୁର ଭଳି,
ଉପସ୍ଥିତି ଜାହିର କରୁଥିଲା ଗ୍ରୀଷ୍ମ
ବିଜୁଳି କାଟ୍‌କୁ କୁଲାର, ଏସି, ପଙ୍ଖା
ସବୁ ଚୁପ୍
ବିଜ୍ଞାନ, ବୈଜ୍ଞାନିକ ଉପକରଣ ସବୁ ଫେଲ୍
ସେଇ ପ୍ରକୃତି ହିଁ ଆଶ୍ରୟ
ବାଉଁଶ ପାତିଆ, ଖାଡ଼ି, ନଳୀରେ ଗଢ଼ା
ପ୍ରାକୃତିକ ବସ୍ତୁ ବିଞ୍ଚଣା
ଚଟାଣ ମସିଣାରେ ପୁରା ପରିବାର
ଆଉ ଗୋଟିଏ ବିଞ୍ଚଣା
ଏକ ସୂତ୍ରରେ ବାନ୍ଧୁଥିଲା ଧୀର
ଶୀତଳ ସମୀର
ଘର୍ମାକ୍ତ ଶରୀରକୁ ବିଞ୍ଚଣା ପବନ ଅମୃତ
ନା ଥିଲା ଘର ଘର ଶବ୍ଦ ଅବା
ବିଜୁଳିର ମୋହ
ମନେ ପଡୁଥାଏ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ
ରାସ୍ତା କଡରେ ବସିଥିବା ବୃଦ୍ଧା
ବିକ୍ରି ପାଇଁ କେଇ ଖଣ୍ଡ ବିଞ୍ଚଣା ।

*ବରପାଲିପଡ଼ା, ବଲାଙ୍ଗିର*
*ମୋ -୬୩୭୧୮୦୫୦୭୦*

30 YEARS

ସମ୍ବାଦ କଳିକା

ଖେଳ

ଭୁବନେଶ୍ୱର,୦୯ ମଇ, ଗୁରୁବାର,୨୦୨୪

ପୃଷ୍ଠା – ୬

# ଯଶସ୍ୱୀ ଜୟସ୍ୱାଲ ଓ ଶିବମ୍ ଦୁବେ ଟିମ୍ ଇଣ୍ଡିଆକୁ ଜିତାଇବେ ବିଶ୍ୱକପ୍ : ରବି ଶାସ୍ତ୍ରୀ

**ନୂଆଦିଲ୍ଲୀ**

ଆଇପିଏଲ୍ ପରେ ଟି୨୦ ବିଶ୍ୱକପ୍ ହେବାକୁ ଯାଉଛି। ୨ ଜୁନ୍‌ରୁ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ମୁକାବିଲା ଖେଳିବ। ଏହି ବିଶ୍ୱକପ୍ ଜିତିବା ଲାଗି ଟିମ୍ ଇଣ୍ଡିଆ ବଡ଼ ଦାବିଦାର ବୋଲି କୁହାଯାଉଛି, ଦଳ ମଧ୍ୟ ଏଥିଲାଗି ମଜଭୁତ ଟିମ୍ ଚୟନ କରିଛି।

ତେବେ ଟୁର୍ଣ୍ଣାମେଣ୍ଟ ପୂର୍ବରୁ କେଉଁ ଖେଳାଳି ଭଲ ପ୍ରଦର୍ଶନ କରିବ ପ୍ରଶ୍ନରେ ପୂର୍ବତନ ଅଧିନାୟକ ତଥା ଲୋକପ୍ରିୟ କମେଣ୍ଟେଟର୍ ରବି ଶାସ୍ତ୍ରୀ କହିଛନ୍ତି, ବିରାଟ ଏବଂ ବୁମ୍ରା ନୁହନ୍ତି, ଯଶସ୍ୱୀ ଜୟସ୍ୱାଲ ଏବଂ ଶିବମ ଦୁବେ ଦଳ ପାଇଁ ବଡ଼ ଗୁରୁତ୍ୱ ବହନ କରନ୍ତି। ଉଭୟ ବାମହାତୀ ବ୍ୟାଟ୍ସମ୍ୟାନ୍। ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ଭଲ ଖେଳିଛନ୍ତି। ଆଇପିଏଲ୍ ମଧ୍ୟ ସେଭଳି ପ୍ରଦର୍ଶନ ଜାରି ରହିଛି। ମିଡିଲ ଓଭରରେ ଶିବମ୍ ଦୁବେ ବିସ୍ଫୋରକ ଖେଳିପାରନ୍ତି। ଚେନ୍ନାଇ ପାଇଁ ଆଇପିଏଲ୍‌ରେ ୧୭୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍ ତାଙ୍କର ରହିଛି। ଏଣୁ ସ୍ପିନରଙ୍କୁ ଖେଳିବା ଦଳ ପାଇଁ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହେବ। କେବଳ ଏଥିଲାଗି ତାଙ୍କୁ ରିଙ୍କୁ ସିଂଙ୍କ ଉପରେ ପ୍ରାଧାନ୍ୟ ଦିଆଯାଇଛି ବୋଲି ଶାସ୍ତ୍ରୀ ଭବିଷ୍ୟବାଣୀ କରିଛନ୍ତି।



# ଖରାପ ଅମ୍ପାୟାରିଂ ପାଇଁ ବଦନାମ ହେଉଛି ଆଇପିଏଲ !

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ବିଶ୍ୱର ସବୁଠୁ ମହଙ୍ଗା ଟି-୨୦ କ୍ରିକେଟ୍ ଲିଗ୍। ବିଶ୍ୱ କ୍ରିକେଟର ବଡ଼ ବଡ଼ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ବର୍ଷ ସାରା ଅପେକ୍ଷା କରି ରହିଥାନ୍ତି। ନିଲାମ ସମୟରେ ଫ୍ରାଞ୍ଚାଇଜିମାନେ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା କରନ୍ତି। ଗ୍ରାଣ୍ଡ ଓପନିଂ ଏବଂ କ୍ଲୋଜିଂ ସେରିମନି ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ କରାଯାଏ, ଯାହାଫଳରେ ଏହାର ବେଶ୍ ଲୋକପ୍ରିୟତା ରହିଛି। କିନ୍ତୁ ଏତେ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଅମ୍ପାୟାରଙ୍କ ଖରାପ ନିଷ୍ପତ୍ତି ଯୋଗୁ ଆଇପିଏଲ ବଦନାମ ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏହାର ଗୋଟିଏ ଉଦାହରଣ ଦେଖିବାକୁ ମିଳିଛି ମଙ୍ଗଳବାର ସନ୍ଧ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ।

ମ୍ୟାଚ୍‌ଟି ଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିଲା। ଏହା ଦିଲ୍ଲୀ କ୍ୟାପିଟାଲ୍ସର ହୋମ୍ ଗ୍ରାଉଣ୍ଡ। ତେବେ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆରଆର)ର ବ୍ୟାଟିଂ ସମୟରେ



ଅମ୍ପାୟାରଙ୍କ ୨ଟି ଖରାପ ନିଷ୍ପତ୍ତିକୁ ନେଇ କ୍ରିକେଟ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅମ୍ପାୟାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ରାଜସ୍ଥାନ ରୟାଲ୍ସକୁ ୨୦ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୨୨୧ ରନ୍ ସଂଗ୍ରହ କରିଥିଲା। ୨୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମ୍‌ସନ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରି ଦଳକୁ ବିଜୟପଥରେ ନେଇଯାଉଥିବା ବେଳେ ୧୬ ଓଭରରେ ଅମ୍ପାୟାରଙ୍କ ଏକ ଖରାପ ନିଷ୍ପତ୍ତି ଯୋଗୁ ଆଉଟ୍ ହୋଇ ପ୍ୟାଭିଲିଅନକୁ ଫେରିଯାଇଥିଲେ।

୧୬ଶ ଓଭରରେ ଦିଲ୍ଲୀ କ୍ୟାପିଟାଲ୍ସର ମୁକେଶ କୁମାର ବୋଲିଂ ଭାର ସମ୍ଭାଳିଥିଲେ। ୪ର୍ଥ ବଲ୍‌ରେ ସଞ୍ଜୁ ତାଙ୍କୁ ଏକ ବଡ଼ ଶଟ୍ ମାରିଥିଲେ, ଯାହାକୁ ବାଉଣ୍ଡ୍ରିରେ କ୍ୟାଚ୍ କରି ନେଇଥିଲେ ସାଇ ହୋପ୍। ତେବେ ସାଇ କ୍ୟାଚ୍ ନେବା ବେଳେ ସେ ୨/୩ ପାଦ ବାଉଣ୍ଡ୍ରି ଆଡ଼କୁ ଚାଲିଯାଇଥିଲେ। ପରେ ନିଜକୁ ବାଲାନ୍ସ କରି କ୍ୟାଚ୍‌ଟିକୁ ଧରିଥିଲେ। ମାତ୍ର ତାଙ୍କ ପାଦ ବାଉଣ୍ଡ୍ରି ଲାଇନ୍‌ର ଅତି ନିକଟରେ ରହିଥିବା ଦେଖିବାକୁ ମିଳିଥିଲା। ଥାର୍ଡ ଅମ୍ପାୟାର ଗୋଟିଏ ଫୁଟେଜ୍ ଯାଞ୍ଚ କରି ଆଉଟ୍ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଏଥିରେ ସଞ୍ଜୁ ଖୁସି ନ ଥିଲେ। ସେ ପ୍ରଥମେ କିଛି ବାଟ ଚାଲିଯାଇଥିଲେ। ତା' ପରେ ଫେରି ପୁନଃ ଯାଞ୍ଚ ପାଇଁ ଅମ୍ପାୟାରଙ୍କୁ ଅନୁରୋଧ କରିଥିଲେ କିନ୍ତୁ ଅମ୍ପାୟାର ସିଧାସଳଖ ମନା କରିଦେଇଥିଲେ। ସଞ୍ଜୁଙ୍କ କଥା ଶୁଣି ନ ଥିଲେ। ଏହାକୁ ନେଇ ସଞ୍ଜୁ ଏବଂ ଅମ୍ପାୟାରଙ୍କ ମଧ୍ୟରେ କିଛି ସମୟ ବାର୍ତ୍ତାଳାପ ହୋଇଥିଲା। ମାତ୍ର ପଡ଼ିଆରେ ୩୫ରୁ ଅଧିକ କ୍ୟାମେରା ବିଭିନ୍ନ ଆଙ୍ଗଲରେ ଖଞ୍ଜାଯାଇଛି। ଥାର୍ଡ ଅମ୍ପାୟାର ସବୁ ଆଙ୍ଗଲରୁ ଫୁଟେଜ୍ ଯାଞ୍ଚ ନ କରି ତରବରିଆ ଭାବେ କିପରି ନିଷ୍ପତ୍ତି ନେଲେ ବୋଲି ବହୁ କ୍ରିକେଟ ପ୍ରେମୀ ପ୍ରଶ୍ନ କରିଛନ୍ତି।

ସେହିପରି ୧୯ତମ ଓଭରର ଶେଷ ବଲ୍‌ରେ ଅମ୍ପାୟାର ପୁନର୍ବାର ଏକ ଖରାପ ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଥିଲା। ଦିଲ୍ଲୀର ଦ୍ରୁତ ବୋଲର ରସିକ ସଲାମ ଦାର ରୋଭମେନ୍ ପାଲେଙ୍କୁ ଅଫସାଇଡ୍ ବାହାରେ ଏକ ବଲ୍ ପକାଇଥିଲେ, ଯାହାକୁ ୱାଇଡ୍ ଦିଆଯିବାର ଥିଲା କିନ୍ତୁ ଅମ୍ପାୟାର ତାହା ଦେଇ ନ ଥିଲେ। ରିପ୍ଲେରେ ଏହା ଏକ ୱାଇଡ୍ ବଲ୍ ବୋଲି ଜଣାପଡୁଥିଲେ ହେଁ ଅମ୍ପାୟାର ଠିକ୍ ନିଷ୍ପତ୍ତି ନେଇ ନ ଥିଲେ। ଏହାକୁ ନେଇ ମଧ୍ୟ ରାଜସ୍ଥାନ ରୟାଲ୍ସ ଶିବିରରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ଅଭିଷେକ-ଟ୍ରାଭିସ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ସନରାଇଜର୍ସ ହାଇଦ୍ରାବାଦ୍‌ର ସହଜ ବିଜୟ



**ହାଇଦ୍ରାବାଦ**

ଆଇପିଏଲ୍‌ର ୫୭ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସଆରଏଚ) ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍(ଏଲଏସଜି)ବିରୋଧରେ ସହଜ ବିଜୟ ହାସଲ କରିଛି। ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଧରାଶାୟୀ ହୋଇଛି।

ଧାର୍ଯ୍ୟ ୧୬୬ ରନ ବିଜୟ ଲକ୍ଷ୍ୟର ପିଛା କରି ସନରାଇଜର୍ସ ହାଇଦ୍ରାବାଦ୍ ୯.୪ ଓଭରରେ କେଣସି ୱିକେଟ ନ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ସନରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଅଭିଷେକ ଶର୍ମା ୭୫ ରନ କରିଥିବାବେଳେ ଟ୍ରାଭିସ ହେଡ ୮୯ ରନ କରିଥିଲେ। ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଅଧିନାୟକ କେଏଲ ରାହୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ ପ୍ୟାଟ କମିନ୍ସଙ୍କ ନେତୃତ୍ୱରେ ବୋଲିଂ ଆରମ୍ଭ କରିଥିଲା।

ଧାର୍ଯ୍ୟ ୨୦ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୧୬୫ ରନ କରିଥିଲା। ଫଳରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ବିଜୟ ଲକ୍ଷ୍ୟ ୧୬୬ ରନ ରହିଥିଲା।

ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ପକ୍ଷରୁ କେଏଲ ରାହୁଲ ୨୯ ରନ କରିଥିବାବେଳେ କୃଣାଳ ପାଣ୍ଡ୍ୟା ୨୪ ରନ କରିଥିଲେ। ସେହିପରି ନିକୋଲାସ ପୁରାନ ୪୮ ରନ୍, ଆୟୁଷ ବାଦୋନି ୩୫ ରନ କରିଥିଲେ।

# ଫ୍ରାନ୍ସରେ ପ୍ରବେଶ କଲା ଅଲିମ୍ପିକ୍ସ ମଶାଲ

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ଅଲିମ୍ପିକ୍ସ ମଶାଲ ଶେଷରେ ଫ୍ରାନ୍ସରେ ପ୍ରବେଶ କରିଛି। ବୁଧବାର ଫ୍ରାନ୍ସର ଦକ୍ଷିଣ ପଟରେ ଥିବା ମାର୍ସେଲେ ସହରରେ ଏହି ମଶାଲ ପ୍ରବେଶ କରିଥିଲା। ଏପ୍ରିଲ ୧୬ ତାରିଖରେ ଦକ୍ଷିଣ ଗ୍ରୀସ୍‌ର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ମଶାଲରେ ଅଗ୍ନି ସଂଯୋଗ କରାଯାଇ ଥିଲା। ଏହାପରେ ବେଲେମ ନାମକ ଜାହାଜରେ ଏହାକୁ ପ୍ୟାରିସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା। ଆଧୁନିକ ଅଲିମ୍ପିକ୍ସ ଉତ୍ପତ୍ତି ସମୟରେ ପ୍ରଥମ ଥର ବେଲେମକୁ ୧୮୯୬ ମସିହାରେ ବ୍ୟବହାର କରାଯାଇଥିଲା। ୧୦୦୦ ନୌକା ସହ ପରେଡ୍ କରି ଏହି ଜାହାଜଟି ମାର୍ସେଲେରେ ପହଞ୍ଚିବ। ପରବର୍ତ୍ତୀ ଦିନରେ ମଶାଲ ବାହକମାନେ ମାର୍ସେଲେ ସହରରେ ଏହାର ପରିକ୍ରମା କରାଇବେ। ମାର୍ସେଲେର ଫୁଟବଲ ଫ୍ୟାନଙ୍କ ପାଇଁ ଦ ଫେମ୍‌ଡ ଷ୍ଟେଡ ଭେଲୋଡ୍ରୋମର ଛାତ ଉପରେ ଏହାକୁ ସ୍ଥାନ ଦିଆଯିବ। ମାର୍ସେଲେ ଛାଡ଼ିବା ପରେ ବିଭିନ୍ନ ସ୍ଥାନ ଦେଇ ଶେଷରେ ଜୁଲାଇ ୨୭ରେ ଏହା ପ୍ୟାରିସ୍‌ରେ ପହଞ୍ଚିବ।

ମଶାଲ ଯାତ୍ରାର ଗତିପଥ : ମଣ୍ଟ-ସେଣ୍ଟ-ମିଚେଲ : ମଶାଲ ଶୋଭାଯାତ୍ରା ପ୍ରସିଦ୍ଧ ମଣ୍ଟ-ସେଣ୍ଟ-ମିଚେଲରେ ମେ' ୩୧ ତାରିଖରେ ପହଞ୍ଚିବ। ୧୯୭୯ରେ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟର ମାନ୍ୟତା ପାଇଥିବା ଏହି ଦୁର୍ଗଟି ଏକ ଦ୍ୱୀପ ମଧ୍ୟରେ ଅବସ୍ଥିତ ୧୩୩୭-୧୪୫୩ ମଧ୍ୟରେ ଇଂଲଣ୍ଡ ଓ ଫ୍ରାନ୍ସ ଯୁଦ୍ଧର ମୂକସାକ୍ଷୀ। ଏହି ସ୍ଥାନକୁ ପରବର୍ତ୍ତୀ ସମୟରେ ଏକ କାରାଗାରରେ ପରିଣତ କରାଯାଇଥିଲା।

ସମୁଦ୍ର : ମଶାଲ ଶୋଭାଯାତ୍ରାକୁ ଫ୍ରାନ୍ସର ଉପକୂଳରେ ରହିଥିବା ସମୁଦ୍ର ମଧ୍ୟଦେଇ ନିଆଯିବ। ଏହାର ନାମ ରେଲାଇସ ଡେସ୍ ଓସେନ୍‌ସ ବା ସମୁଦ୍ର ମଶାଲ ଶୋଭାଯାତ୍ରା ରଖାଯାଇଛି। ଆଟଲାଣ୍ଟିକ, ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ଦେଇ ଏହା ଫ୍ରେଞ୍ଚ ଗୟାନାରେ ଜୁନ୍ ୯ରେ ପହଞ୍ଚିବ। ପରେ ୧୧ ତାରିଖରେ ଏହା ନ୍ୟୁ କାଲେଡୋନିଆ ଦେଇ ସେଣ୍ଟ ଡେନିସ୍‌ରେ ପହଞ୍ଚିବ।




ଜୁନ୍ ୧୮ରେ ନାଇସ୍ ସହର ଦେଇ ମଶାଲ ପୁନର୍ବାର ଫ୍ରାନ୍ସକୁ ପ୍ରତ୍ୟାବର୍ତ୍ତନ କରିବ।

ଆଲ୍ପସ ପର୍ବତମାଳା : ଫ୍ରାନ୍ସରେ ପ୍ରବେଶ କରିବା ପରେ ମଶାଲ ଶୋଭାଯାତ୍ରା ୨୩ ତାରିଖରେ ଆଲ୍ପସ ପର୍ବତମାଳା ନିକଟସ୍ଥ ଋମୋନିକ୍ସ ମଣ୍ଟ ବ୍ଲାଙ୍କ ଗସ୍ତ କରିବ। ଏହି ସମୟରେ ହାଉଟେ ସେଭୋଇ ଅଞ୍ଚଳ ଦେଇ ମଧ୍ୟ ମଶାଲ ଶୋଭାଯାତ୍ରା ଯିବାର କାର୍ଯ୍ୟକ୍ରମ ରହିଛି।

ଭେର୍ଡୁନ୍ : ସାଭୋଇ ପରେ ମଶାଲ ଶୋଭାଯାତ୍ରା ପୂର୍ବ ଫ୍ରାନ୍ସର ଭେର୍ଡୁନ୍ ସହରରେ ୩ ଦିନ ପରେ ପ୍ରବେଶ କରିବ। ଏହା ମଧ୍ୟରେ ଆଲସେସ୍ ଓ ଷ୍ଟ୍ରାସବର୍ଗ ସହର ଦେଇ ଏହା ଅତିକ୍ରମ କରିବ। ୧୯୧୬ରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭେର୍ଡୁନ ସହରରେ ୭ ଲକ୍ଷରୁ ଅଧିକ ଫରାସୀ ଓ ଜର୍ମାନୀ ସୈନ୍ୟ ପ୍ରାଣ ହରାଇଥିଲେ ବା ଆହତ ହୋଇଥିଲେ।

ବାଷ୍ଟାଇଲ ଡେ : ପ୍ୟାରିସର ରାଜରାସ୍ତାରେ ଏହି ମଶାଲ ଶୋଭାଯାତ୍ରା ଜୁଲାଇ ୧୪ ତାରିଖରେ ପ୍ରବେଶ କରିବ। ସମାନ ଦିନରେ ବାଷ୍ଟାଇଲ ଡେ ବା ଫ୍ରାନ୍ସର ଜାତୀୟ ଦିବସ ପାଳନ କରାଯାଇଥାଏ। ଫ୍ରାନ୍ସରେ ଭ୍ରମଣ ପରେ ମଶାଲ ଫ୍ରାନ୍ସ ରାଜ ପରିବାକୁ ନିଆଯିବ। ଜୁଲାଇ ୨୪ରେ ନାନଟେରେ ଓ ୨୫ରେ ସେଣ୍ଟ ଡେନିସ୍‌କୁ ମଶାଲକୁ ନିଆଯିବ। ପୁନର୍ବାର ୨୬ ତାରିଖରେ ପ୍ୟାରିସ୍ ଆସିବା ସହ ୮୦ଟି ନୌକାରେ ଏହାକୁ ସିଏନ୍ ନଦୀରେ ପରେଡ୍ କରାଯିବ। ୪ ଘଣ୍ଟାର ସମାରୋହ ପରେ ମଶାଲକୁ ଏଇଫିଲ ଟାୱାର ଓ ଲୌର୍ଭେ ମ୍ୟୁଜିୟମ ବାହାରେ ରଖାଯିବ। ପ୍ରଥମ ଥର ପାଇଁ ଏହି ମଶାଲରେ ପ୍ରୋପେନ୍ ପରିବର୍ତ୍ତେ ବାୟୋ ଗ୍ୟାସର ବ୍ୟବହାର କରାଯାଇଛି। ସେହିପରି ୨୦୦୦ ମଶାଲର ବ୍ୟବହାର କରାଯାଇଥିବା କୁହାଯାଇଛି।

# ଭାରତୀୟ ଜର୍ସିଠୁ ବିମାନଭଡ଼ା ଶସ୍ତା

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ଦଳର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜର୍ସି ଉନ୍ମୋଚିତ ହୋଇସାରିଛି। ଦିନିକିଆ ବିଶ୍ୱକପ୍‌ର ଜର୍ସିଠୁ ଏହି ଜର୍ସିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। କିନ୍ତୁ ଜର୍ସିର ମୂଲ୍ୟ ଦେଖି ଭାରତୀୟ ଦଳ ପ୍ରଶଂସକମାନେ ତାଜୁବ୍ ହୋଇଯାଇଛନ୍ତି। ଭାରତୀୟ ଦଳର ଜର୍ସି ପ୍ରାୟୋଜକ ଆଦିଦାସ୍ ପକ୍ଷରୁ ୱେବସାଇଟ୍‌ରେ ଏହାର ମୂଲ୍ୟ ୫୯୯୯ ଟଙ୍କା ରଖିଛି। ଜର୍ସିକୁ ଭିଏତ୍‌ନାମ୍‌ରେ ତିଆରି କରାଯାଇଥିବା ମଧ୍ୟ ସେଥିରେ ଦର୍ଶାଯାଇଛି। ଜର୍ସି ୬ଟି ମାପରେ ଉପଲବ୍ଧ ଅଛି ଏକ୍ସଏସ୍, ଏସ୍, ଏମ୍, ଏଲ୍, ଏକ୍ସଏଲ୍, ୨ଏକ୍ସଏଲ୍ ସାଇଜ୍‌ର ଜର୍ସି ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ୩ଏକ୍ସଏଲ୍ ପାଇଁ ସ୍ୱତନ୍ତ୍ର ଭାବେ ଅର୍ଡର ଦେବାକୁ କୁହାଯାଇଛି। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ମହମ୍ମଦ ସିରାଜ, କୁଲଦୀପ ଯାଦବ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଜର୍ସି ପରିଧାନ କରିଥିବା ଦେଖାଯାଇଛି। ୱେବସାଇଟ୍‌ରେ ଏହି ଜର୍ସି ବିକ୍ରି ପାଇଁ ଉପଲବ୍ଧ ହେବା ପରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଅନେକ ବ୍ୟବହାରକାରୀ ଦିଲ୍ଲୀ-ଗୋଆ ବିମାନଭଡ଼ା ଭାରତୀୟ ଦଳର ଜର୍ସିଠୁ ଶସ୍ତା ବୋଲି ଉଲ୍ଲେଖ କରିଛନ୍ତି। ଅନେକ ଟ୍ରାଭେଲ୍ ବୁକିଂ ସାଇଟ୍‌ରେ ଦିଲ୍ଲୀ-ଗୋଆ ବିମାନଭଡ଼ା ଆସନ୍ତା ମାସଠୁ ୫୫୦୦ ଟଙ୍କାରୁ କମ୍ ପଡୁଥିବା ଦେଖିବାକୁ ମିଳିଛି।

# ଟି୨୦ ବିଶ୍ୱକପ୍‌କୁ ମାଗଣାରେ ଦେଖିପାରିବେ ଦର୍ଶକ : ଡିଜ୍‌ନୀ

**ନୂଆଦିଲ୍ଲୀ**




ଆଗାମୀ ଟି୨୦ ବିଶ୍ୱକପ୍ ନେଇ ବଡ଼ ଘୋଷଣା କରିଛି ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାର। ବ୍ୟବହାରକାରୀମାନେ ଏହି ମୋବାଇଲ ଆପ୍‌ରେ ମାଗଣାରେ ବିଶ୍ୱକପ୍‌କୁ ଉପଭୋଗ କରିପାରିବେ। ତେବେ ଗତ ବର୍ଷ ଏହା ଦିନିକିଆ ବିଶ୍ୱକପ୍ ଏବଂ ଏସିଆ କପ୍‌ର ମାଗଣା ଷ୍ଟ୍ରିମିଂ ଅଫର୍ କରିଥିଲା। ତେବେ ଆଇପିଏଲ୍ ଶେଷ ହେବା ପରେ ଟି୨୦ ବିଶ୍ୱକପ୍ ଆରମ୍ଭ ହେବ। ଏଥିରେ ୨୦ ଦଳ ଅଂଶଗ୍ରହଣ କରିବେ। ଏହି ବିଶ୍ୱକପ୍ ୱେଷ୍ଟଇଣ୍ଡିଜ ଏବଂ ଆମେରିକା ସହ ଆୟୋଜନ କରିବେ। ଜୁନ୍ ୨ରେ ପ୍ରଥମ ମ୍ୟାଚ୍ ଆମେରିକା ଏବଂ କାନାଡ଼ା ମଧ୍ୟରେ ଖେଳାଯିବ। ରୋହିତଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ।

# ଶେଷ ଦିନରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ



**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଘସିପୁରା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ନାମାଙ୍କନ ପତ୍ର ଶେଷ ଦିନରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ରାମଚନ୍ଦ୍ରପୁର ପଦନା ଛକରୁ ହଜାର ହଜାର ବିଜେଡି ଜନ ସମର୍ଥକଙ୍କ ସହ ରାଲିରେ ବାହାରି ଆନନ୍ଦପୁର ବ୍ରିଜ୍ ଛକରେ ପହଞ୍ଚି ହାଟଡିହିରୁ ଆସୁଥିବା ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ସହ ହଜାର ହଜାର ବିଜୁ ପ୍ରେମୀଙ୍କ ସହ ତେଲକୋଇ ବିଧାୟକ ମାଧବ ସର୍ଦ୍ଦାର, ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଧନଞ୍ଜୟ ସିଧୁ ଏବଂ ବିଜୁ ଜନତା ଦଳର ଜିଲ୍ଲା ସଭାପତି କୁଶ ଆପଟ ସହ ବିଶାଳ ରାଲିରେ ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଭରିଥିଲେ। ଘସିପୁରା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପାଇଁ ବାହୁବଳୀ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ନିଜ ଶକ୍ତି ପ୍ରଦର୍ଶନ କରି ଘସିପୁରା ନିର୍ବାଚନ ମଣ୍ଡଳୀରୁ ହଜାର ହଜାର ସମର୍ଥକଙ୍କୁ ସାଙ୍ଗରେ ନେଇ ଦିନ ଗୋଟାଏ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ଦଶଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ।

# ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଯୋଗେନ୍ଦ୍ର ତ୍ରିପାଠୀ, ଭା.ପ୍ର.ସେ (ଅବସରପ୍ରାପ୍ତ) ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳିନି କାଶ୍ୟପ, ଭା.ରା.ସେ (ଅବସରପ୍ରାପ୍ତ) ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ସାଧାରଣ ନିର୍ବାଚନ-୨୦୨୪ର ସୁପରିଚାଳନା ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ମତଦାନ କେନ୍ଦ୍ରରେ ପାନୀୟ ଜଳ, ଟଏଲେଟ୍, ଲାଇଟ୍, ଫ୍ୟାନ୍, ଆଦି ସର୍ବନିମ୍ନ ସୁବିଧା, ଭିନ୍ନକ୍ଷମଙ୍କ ପାଇଁ ର୍‍ୟାମ୍ପର ସୁବିଧା ଓ ସକ୍ଷମ ଯାନରେ ଘରୁ ବୁଥ୍‌କୁ ନେବା ଓ ବୁଥ୍‌ରୁ ଘରେ ଆଣି ଛାଡ଼ିବା, ପୋଷ୍ଟାଲ୍ ବାଲାଟ୍, ହୋମ୍ ଭୋଟିଙ୍ଗ୍, ଏମ୍‌ସିଏମ୍‌ସି ରିପୋର୍ଟ, ସି-ଭିଜିଲ୍ ରିପୋର୍ଟ, ବିଭିନ୍ନ ପ୍ରଶିକ୍ଷଣ, ଭେହିକିଲ ମ୍ୟାନେଜ୍‌ମେଣ୍ଟ, ମ୍ୟାନ୍ ପାୱାର୍ ମ୍ୟାନେଜ୍‌ମେଣ୍ଟ, ବୁଥ ମ୍ୟାନେଜ୍‌ମେଂଟ୍ ଆଦି ପ୍ରସଙ୍ଗ ଉପରେ



ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ସମ୍ବେଦନଶୀଳ ବୁଥ୍‌ରେ ପୋଲିସ୍ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ତଥ୍ୟ ରଖିଥିଲେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ସିଦ୍ଧାର୍ଥ କଟାରିଆ। ଭଲନେରେବୁଲ୍ ବୁଥ୍ ମାନଙ୍କର ଅଧିକ ସଂଖ୍ୟକ ପୋଲିସ୍ ମୁତୟନ କରିବାକୁ ଯୋଜନା ରହିଥିବା ବେଳେ ସେହି ଅଞ୍ଚଳରେ ବାରମ୍ବାର ଫ୍ଲାଗ୍‌ମାର୍ଚ୍ଚ କରି ଲୋକଙ୍କ ବିଶ୍ୱାସ ପ୍ରଶାସନ ଜିତିପାରିଛି ବୋଲି କହିଥିଲେ। ଭଲନେରେବୁଲ୍ ବୁଥ୍‌ରେ ଲାଇଭ୍ ୱେବ୍‌କାଷ୍ଟିଙ୍ଗ, ସିସିଟିଭି ସର୍ଭେଲାନ୍ସ, ଭିଡିଓଗ୍ରାଫି ଓ ମାଇକ୍ରୋ ଅବଜରଭର୍ ନିଯୁକ୍ତ କରାଯିବ। ସୂଚନାଯୋଗ୍ୟ ମୋଟ୍ ୧୪୪୫ଟି ବୁଥ୍ ମଧ୍ୟରୁ ୬୪ଟି ହେଉଛି ଭଲନେରେବୁଲ୍। ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ପ୍ରସ୍ତାବିତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାକୁ ସ୍ଥିର କରିଥିବା ବେଳେ ସମସ୍ତ ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇବା ପାଇଁ ଅଲଗା ଅଲଗା ସମୟ ଓ ସ୍ଥାନରୁ ରାଲି କରିବାକୁ ପରାମର୍ଶ ଦେଇଛନ୍ତି। ଅବକାରୀ ବିଭାଗ ଦ୍ୱାରା ବାରମ୍ବାର ଚଢ଼ଉ କରି ବେଆଇନ୍ ନିଶା କାରବାରକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବାକୁ କୁହାଯାଇଛି। ବର୍ତ୍ତମାନ ଜିଲ୍ଲାରେ ୧୫ଟି ଫ୍ଲାଇଙ୍ଗ୍ ସର୍ଭେଲାନ୍ସ ଟିମ୍ (ଏଫ୍‌ଏସ୍‌ଟି) କାର୍ଯ୍ୟ କରୁଥିବା ବେଳେ ଏହାର ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ଏସ୍‌ଏସ୍‌ଟି ଓ ଭିଏସ୍‌ଟି ବାରମ୍ବାର ଷ୍ଟ୍ରାଟେଜିକ୍ ଲୋକେସନ୍ ପରିବର୍ତ୍ତନ କରି କାର୍ଯ୍ୟ କରିବାକୁ କୁହାଯାଇଛି। ଓଡ଼ିଶା ଇଭିଏମ୍ ଭେହିକିଲ୍ ଟ୍ରାକିଙ୍ଗ୍ ମ୍ୟାନେଜ୍‌ମେଂଟ୍ ସିଷ୍ଟମ୍ ଉପରେ ପଚାରି ବୁଝିଥିଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ବୈଠକ ପରେ ଇ-ସୁବିଧା କେନ୍ଦ୍ର, କଂଟ୍ରୋଲ୍ ରୁମ୍, ସି-ଭିଜିଲ୍ ଅଭିଯୋଗ କେନ୍ଦ୍ର, ଇକ୍ସପେଣ୍ଡିଚର୍ ମନିଟରିଂ ସେଲ୍ ବୁଲି ଦେଖିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନାରେ ସେମାନେ ସନ୍ତୋଷ ବ୍ୟକ୍ତ କରିବା ସହ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆଶାବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଡିଆଇବି ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ, ଅବକାରୀ ଅଧୀକ୍ଷକ, ଏଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଆର୍‌ଟିଓ, ଏଲ୍‌ଡିଏମ୍, ଡେପୁଟି କଲେକ୍ଟର, ଟିଆରଓ, ବିଭିନ୍ନ ଥାନାର ଆଇଆଇସି, ଡିଆଇପିଆରଓ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ବଳଦେବଜୀଉଙ୍କ ଆଶୀର୍ବାଦ ନେଲେ ବିଜେଡି ପ୍ରାର୍ଥୀ ଗଣେଶ୍ୱର



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ଇଚ୍ଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିବା ଜଣାପଡିଛି। ବିଜେଡିର ବିଧାନସଭା ପ୍ରାର୍ଥୀ ଭାବେ ମନୋନୀତ ହେବାପରେ ପ୍ରଥମଥର କରି ଶ୍ରୀ ଜୀଉମାନଙ୍କୁ ଦର୍ଶନ କରି ସନ୍ଧ୍ୟା ଆଳତୀରେ ଉପସ୍ଥିତ ରହି ବିଜୟ କାମନା କରିଥିଲେ। ଏହି ଅବସରରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଶ୍ରୀ ବେହେରାଙ୍କ ସହିତ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ପୌରାଧକ୍ଷା ସରିତା ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ରିତ ସାହୁ, ହିରଣ୍ୟ କୁମାର ପଣ୍ଡା, ବିଜୟ କୁମାର ମଣ୍ଡଳ, ରୋସନା ସାହୁ, ରଶ୍ମି ରଞ୍ଜନ ରାଉତ, ସୌମେନ୍ଦ୍ର ପୃଷ୍ଟି, ଯଜାତି ମହାନ୍ତି, ଉମେଶ ନାୟକ, ମୋହନ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ଜେନା, ବିଷ୍ଣୁ ପ୍ରସାଦ ବ୍ରହ୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଓକିଲଙ୍କୁ ପ୍ରାର୍ଥୀଙ୍କ ଆଇନ ପରାମର୍ଶଦାତା ନିଯୁକ୍ତିକୁ ତୀବ୍ର ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ଓକିଲମାନଙ୍କୁ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀଙ୍କର ଆଇନ ପରାମର୍ଶ ଦାତା ଭାବେ ନିଯୁକ୍ତି ଦେଇଥିବାରୁ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ସାହୁ ଏହାର ତୀବ୍ର ବିରୋଧ କରି ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ସରକାରୀ ଓକିଲ (ଏପିପି) ଭାବେ କାର୍ଯ୍ୟ କରୁଥିବା ସଂଜୟ କୁମାର ଜେନା କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ପାଇଁ, ପାଟକୁରା ପାଇଁ ବ୍ରଜସୁନ୍ଦର ରାଉତ, ଆଳି କ୍ଷେତ୍ର ପାଇଁ ବୃନ୍ଦାବନ ନନ୍ଦ ଓ ରାଜନଗର ପାଇଁ ସୁଶିଳ ଦାସଙ୍କୁ ଆଇନ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି, ଯାହାକି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଓ ସଂପୂର୍ଣ୍ଣ ବେଆଇନ ଅଟେ। ଏହି ସରକାରୀ ଓକିଲମାନେ କୋର୍ଟ କାର୍ଯ୍ୟରେ ଯୋଗ ନଦେଇ ସେହି ସମୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ଆଇନ ପରାମର୍ଶ ଦାତା ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏହି ସରକାରୀ ଓକିଲମାନଙ୍କୁ ରାଜକୋଷରୁ ଅର୍ଥ ଦେଉଥିବା ବେଳେ ଦଳୀୟ କାର୍ଯ୍ୟରେ ସଂପୃକ୍ତ ରହିବା ନିରପେକ୍ଷ ନିର୍ବାଚନ ପରିଚାଳନାର ସଂପୂର୍ଣ୍ଣ ବ୍ୟତିକ୍ରମ ଓ ଉଲ୍ଲଙ୍ଘନ ବୋଲି ଶ୍ରୀ ସାହୁ ଅଭିଯୋଗ କରି ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ନୂତନ ଭାବେ ନିଯୁକ୍ତି ମିଳିଥିବା ପୋଲିଂ ପାର୍ଟିଙ୍କୁ ତାଲିମ ପ୍ରଦାନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଏକ ଦିବସୀୟ ବ୍ୟାପୀ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ତଥା ରିଟର୍ଣ୍ଣିଂ ଅଧିକାରୀ ୪୮-ବିଂଝାରପୁର ବିଧାନସଭା ଆସନ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ନିଯୁକ୍ତି ମିଳିଥିବା ପୁଲିଂ ପାର୍ଟିଙ୍କୁ ଥିଓରି (ସୂଚକ ତତ୍ତ୍ୱ) ଏବଂ ପ୍ରାକ୍ଟିକାଲ (ପ୍ରୟୋଗାତ୍ମକ) ର ସୁବିସ୍ତୃତ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୋଲିଂ, ସେକେଣ୍ଡ ପୋଲିଂ, ଥାର୍ଡ ପୋଲିଂ, ଫୋର୍ଥ ପୋଲିଂ ଏବଂ ଫିଫ୍ଥ ପୋଲିଂ ଅଫିସରମାନେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ୍‌ରେ ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ଥାନୀତ ହୋଇଥିବା ସମସ୍ତ ତଥ୍ୟ ଅନୁଯାୟୀ ବୁଥ୍ କେନ୍ଦ୍ର ପରିଚାଳନା ସଂପାଦିତ ହେବ। ସମସ୍ତ ପୋଲିଂ ପାର୍ଟିଙ୍କୁ ଡିସ୍ପର୍ସାଲ କେନ୍ଦ୍ରରେ ସେମାନଙ୍କୁ ଆଲଟ ହୋଇଥିବା ବୁଥ୍ ଦାୟିତ୍ୱ ତୁଲାଇବା ନିମନ୍ତେ ବାଟରେ କୌଣସି ଜାଗାରେ ନ ରହି ସିଧା ବୁଥ୍‌ରେ ସେମାନେ ପହଞ୍ଚିବେ, ଅନୁରୂପ ଭାବେ ବୁଥ୍ କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ଅନୁଯାୟୀ କାର୍ଯ୍ୟ ସଂପାଦିତ ହେଲାପରେ ପୋଲିଂ ପାର୍ଟି କୌଣସି ଜାଗାରେ ନ ରହି ସିଧା ରିସିଭାଲ କେନ୍ଦ୍ରରେ ପହଞ୍ଚି ଇଭିଏମ୍ ସହ ସମସ୍ତ କାଗଜାତପତ୍ର ସଂପୃକ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ କାଉଣ୍ଟରେ ହସ୍ତାନ୍ତର କରିବେ। ସମସ୍ତ ପ୍ରିଜାଇଡିଂ ଅଫିସର ସେମାନଙ୍କ ଟିମ୍‌ର ୫ ଜଣ ପୋଲିଂ ଅଫିସର ଏବଂ ଏକ ଜଣ ପୁଲିସ କର୍ମଚାରୀ ମିଶି ଏକ ହ୍ୱାଟସପ୍ ଗ୍ରୁପ କରିବା ପାଇଁ କୁହାଯାଇଛି, ଯାହା ଫଳରେ ସେମାନଙ୍କ ଡିସ୍ପର୍ସାଲ ଦିନ ଯୋଗାଯୋଗରେ ସମନ୍ୱୟ ରଖିପାରିବେ। ପ୍ରତ୍ୟେକ ପୋଲିଂ ପାର୍ଟିକୁ ୨ ଗୋଟି ଇଭିଏମ୍ ମେସିନ୍ (ବାଲାଲ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଏବଂ ଭିଭିପାର୍ଟ) ପୃଥକ ଭାବେ ବିଧାନସଭା ଓ ଲୋକସଭା ପାଇଁ ଦିଆଯିବ। ପୋଲିଂ ପାର୍ଟି ଡିସ୍ପର୍ସାଲ କେନ୍ଦ୍ରରୁ ଯିବା ସମୟରେ ଚେକ୍ ଲିଷ୍ଟ ଅନୁଯାୟୀ ସମସ୍ତ ମାଟେରିଆଲ ଚେକ୍ କରି ନେବେ। ବାଟରେ କୌଣସି ସ୍ଥାନରେ ରହି ରିଫ୍ରେସମେଣ୍ଟ ନେବେନାହିଁ ଏବଂ ପ୍ରଦତ୍ତ ରୁଟ୍ ଚାଟ୍ ଅନୁଯାୟୀ ପୋଲିଂ କେନ୍ଦ୍ରରେ ପହଞ୍ଚିବେ। ପୋଲିଂ କେନ୍ଦ୍ର ଠାରୁ ୨୦୦ ମିଟର ଦୂରତା ମଧ୍ୟରେ କୌଣସି ପ୍ରାର୍ଥୀମାନଙ୍କ ଫଟୋ ଲଗାଯାଇପାରିବ ନାହିଁ। ପ୍ରିଜାଇଡିଂ ଅଫିସରମାନେ ବୁଥ୍‌ରେ ପହଞ୍ଚିବା ପରେ ଭୋଟ ଦାନ ନିମନ୍ତେ ୨ ଗୋଟି କମ୍ପାର୍ଟମେଣ୍ଟ ମତଦାନ ଅଧିକାର କ୍ଷୁଣ୍ଣ ହେଉ ନଥିବା ସ୍ଥାନରେ ପ୍ରସ୍ତୁତ କରିବେ। ଚତୁର୍ଥ ପୋଲିଂ ଅଫିସରଙ୍କ ନିକଟରେ ବିଧାନସଭା କଣ୍ଟ୍ରୋଲ ୟୁନିଟ୍ ଓ ପଞ୍ଚମ ପୋଲିଂ ଅଫିସରଙ୍କ ନିକଟରେ ଲୋକସଭା କଣ୍ଟ୍ରୋଲ ୟୁନିଟ୍ ରହିବ। ପ୍ରିଜାଇଡିଂ ଅଫିସର ମତଦାନ କକ୍ଷରେ ସମସ୍ତ ମତଦାନ କାର୍ଯ୍ୟକ୍ରମ ସୁପରିଚାଳନା କରୁଥିବା ସ୍ଥାନରେ ବସିବେ। ପ୍ରତ୍ୟେକ ଭୋଟର ଭୋଟଦାନ ନିମନ୍ତେ ସେମାନଙ୍କ ଭୋଟର ପରିଚୟପତ୍ର, ଆଧାର କାର୍ଡ, ପାନ୍ କାର୍ଡ, ବ୍ୟାଙ୍କ କିମ୍ବା ଡାକଘରର ଫଟୋ ଲାଗିଥିବା ପାଶ୍ ବୁକ୍, ଡ୍ରାଇଭିଂ ଲାଇସେନ୍ସ, ମନରେଗା ଜବ୍ କାର୍ଡ, ପାସ୍‌ପୋର୍ଟ, ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ, ଫଟୋ ଲାଗିଥିବା ପେନ୍‌ସନ୍ କାଗଜାତ, ଫଟୋ ଲାଗିଥିବା କର୍ମଚାରୀ ପ୍ରମାଣପତ୍ର (ରାଜ୍ୟ ସରକାର, କେନ୍ଦ୍ର ସରକାର, ଅର୍ଦ୍ଧସରକାରୀ ପବ୍ଲିକ୍ ଲିମିଟେଡ୍ ସଂସ୍ଥା, ଲୋକସଭା ଓ ବିଧାନସଭା ସଦସ୍ୟମାନଙ୍କୁ ମିଳିଥିବା ପରିଚୟ ପତ୍ର, ୟୁଡିଆଇବି କାର୍ଡ ଆଦି ୧୨ ଗୋଟି ପ୍ରମାଣ ପତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରମାଣ ପତ୍ର ଦେଖାଇ ମତଦାନ ସାବ୍ୟସ୍ତ କରିପାରିବେ। ପ୍ରିଜାଇଡିଂ ଅଫିସରମାନେ ମତଦାନ କକ୍ଷରେ ସକାଳ ଘ. ୫.୩୦ ମିନିଟ୍‌ରୁ ଘ. ୫.୪୫ ମିନିଟ୍ ମଧ୍ୟରେ ମକ୍ ପୋଲ କରିବେ। ମକ୍‌ପୋଲରେ ଅନ୍ୟୁନ ୫୦ ଗୋଟି ଭୋଟ ବିଧାନସଭା ଓ ଲୋକସଭା (ପ୍ରତ୍ୟେକ ପାଇଁ)



ହେବା ସେହିପରି ନୋଟା ପାଇଁ ମକ୍ ପୋଲରେ ୧ ଗୋଟି ଭୋଟ ବିଧାନସଭା ଓ ଲୋକସଭା (ପ୍ରତ୍ୟେକ ପାଇଁ) ହେବ। ମୁଖ୍ୟ ଭୋଟ ଆରମ୍ଭ ହେବା ପୂର୍ବରୁ ଆନେକ୍ସଚର-୬ ରେ ଘୋଷଣାନାମା କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଡିଓ, ଦଶରଥପୁର ଆକାଶ ପଟ୍ଟନାୟକ, ବିଡିଓ, ସୁକିନ୍ଦା ଅଭିଷେକ ସ୍ୱାଇଁ, ବିଡିଓ, ବିଂଝାରପୁର ଦିବେନ୍ଦୁ କୁମାର ଦାସ, ବିଡିଓ, କୋରାଇ ଅଶୋକ କୁମାର ମାଝି, ବିଡିଓ, ଦାନଗଦୀ ସାରଦା ପ୍ରସନ୍ନ ପଣ୍ଡା ଯୋଗଦେଇ ପାୱାର ପଏଣ୍ଟ ଉପକରଣରେ ଥିଓରି ପ୍ରଶିକ୍ଷଣ ଦେଇଥିବା ବେଳେ ଇଭିଏମ୍‌ର ପ୍ରାକ୍ଟିକାଲ (ପ୍ରୟୋଗାତ୍ମକ) ପ୍ରିଜାଇଡିଂଙ୍କ ଓ ପୋଲିଂ ଅଫିସରମାନଙ୍କୁ ସମସ୍ତ କାର୍ଯ୍ୟ ସଂପାଦନ ନିମନ୍ତେ ସୁବିସ୍ତୃତ ତାଲିମ ପ୍ରଦାନ କରିଥିଲେ।

ଭୁବନେଶ୍ୱର
୯ ମଇ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଏମ୍ସ ଭୁବନେଶ୍ୱରରେ ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମରର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୮/୦୫**
**ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱରରେ ପଶ୍ଚିମବଙ୍ଗର ୫୧ବର୍ଷ ବୟସ୍କ ରବୀନ୍ଦ୍ର ବିଶୁଇଙ୍କ ଖପୁରୀର ଉପର ଅଂଶ(ସ୍କାଲ୍ପ)ରୁ ପ୍ରାୟ ୭ କେଜି ଓଜନର ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମରକୁ ସଫଳତାର ସହିତ ଅସ୍ତ୍ରୋପଚାର କରାଯାଇଛି। ଭାରତରେ ଏପରି ଅସ୍ତ୍ରୋପଚାର ଦ୍ୱିତୀୟ ଥର ପାଇଁ ସମ୍ପାଦିତ ହୋଇଥିବା କୁହାଯାଉଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବିରଳ ଅପରେସନ୍‌ରେ ସଂପୃକ୍ତ ଥିବା ଡାକ୍ତରୀ ଦଳ ତଥା ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ରୋଗୀ ଜଣଙ୍କ ଏହି ବିରଳ ଟ୍ୟୁମ୍‌ର ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରୁ ନିରାଶ ହୋଇ ଫେରିବା ପରେ ଏମ୍ସ ଭୁବନେଶ୍ୱରର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗକୁ ଆସିଥିଲେ। ତେବେ ଏପରି କାର୍ଯ୍ୟକୁ ସିଦ୍ଧିରେ ପୂରଣ କରିବାକୁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ଲାଷ୍ଟିକ୍ ସର୍ଜରୀ



ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଇଣ୍ଟରଭେନ୍‌ସନାଲ ରେଡିଓଲୋଜି, ସର୍ଜିକାଲ୍ ଅଙ୍କୋଲୋଜି, ନ୍ୟୁରୋ ସର୍ଜରୀ, ପ୍ଲାଷ୍ଟିକ୍ ସର୍ଜରୀ, ଆନାସ୍ଥେସିଓଲୋଜି ଏବଂ ପାଥୋଲୋଜି ବିଶେଷଜ୍ଞଙ୍କୁ ନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ ଏହି ଅପରେସନ୍ ନିମନ୍ତେ ରଣନୀତି ପ୍ରସ୍ତୁତ ହୋଇଥିଲା। ଶ୍ରୀ ବିଶୁଇ ଦୁଇ ଦଶନ୍ଧି ହେବ ଏହି ଟ୍ୟୁମ୍‌ରରେ ପୀଡ଼ିତ ଥିଲେ। ମାତ୍ର ଗତ କିଛି ମାସ ମଧ୍ୟରେ ଏହା ଅହେତୁକ ଭାବେ ବୃଦ୍ଧି ପାଇ ପ୍ରାୟ ୭ କେଜିରେ ପହଞ୍ଚିଥିଲା। ଯାହାକି ତାଙ୍କ ଜୀବନକୁ ଦୁର୍ବିସହ କରିପକାଇଥିଲା। ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମର୍ ଭାବରେ ଚିହ୍ନଟ ହେଲା ପରେ, ପାରମ୍ପରିକ ଚିକିତ୍ସା ପଦ୍ଧତି ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏହି ଜଟିଳ ଅସ୍ତ୍ରୋପଚାରର ପ୍ରଥମ ସୋପାନରେ ରେଡିଓଲୋଜି ବିଭାଗର ଡ. ମନୋଜ କୁମାର ନାୟକଙ୍କ ଦ୍ୱାରା ଧମନୀ ଏବଂ ବାମ ଓସିପିଟାଲ୍ ଧମନୀକୁ ଲକ୍ଷ୍ୟ କରି ରକ୍ତବାହୀଗୁଡ଼ିକ ସହିତ ସଠିକ୍ ସଂଯୋଗୀକରଣ କରାଯାଇଥିଲା। ପରେ ନ୍ୟୁରସର୍ଜରୀ ବିଭାଗ ମୁଖ୍ୟ ଡ. ରବି ନାରାୟଣ ସାହୁ, ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର ଡ. କନଭ ଗୁପ୍ତା, ଡ. ଅନିଲ କୁମାର, ଡ. ଫନୀନ୍ଦ୍ର କୁମାର ସ୍ୱାଇଁ, ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡ. ଦୀନେଶ, ଡ. ସଞ୍ଜୟ କୁମାର ଗିରି, ଡ. ସାନ୍ତନୁ ସୁବା, ଡ. ରଞ୍ଜିତ କୁମାର ସାହୁ, ଡ. ଅପର୍ଣ୍ଣା କାନୁନ୍‌ଗୋ, ଡ. ଗୋପିକା ଜିତ୍, ଡ. ଆକାଂକ୍ଷା ରାଜପୁତ ଏବଂ ଡ. ଆହାନାଙ୍କ ଦ୍ୱାରା ବିଭିନ୍ନ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଅତ୍ୟନ୍ତ ଜଟିଳ ପଦ୍ଧତି ସହାୟତାରେ ଦୀର୍ଘ ୭ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ମାରାତ୍ମକ ଟ୍ୟୁମରର ସଫଳ ଅସ୍ତ୍ରୋପଚାର ସମାପ୍ତ ହୋଇଥିଲା। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ୬ୟୁନିଟ୍ ରକ୍ତ ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକତାକୁ ଡ. ଅପରାଜିତା ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଦଳ ପୂରଣ କରିଥିଲା। ସେହିପରି ସୂର୍ଯ୍ୟ, ଅଶୋକା, ସିବାଞ୍ଜଳି, ପ୍ରମୋଦଙ୍କୁ ନେଇ ଗଠିତ ଉତ୍ସର୍ଗୀକୃତ ନର୍ସିଂ ଦଳ ବିଶେଷ ଯତ୍ନ ନେଇଥିଲେ। ସଫଳ ଅସ୍ତ୍ରୋପଚାର ପରେ ରୋଗୀକୁ ଅଧିକ ନିରୀକ୍ଷଣ ଏବଂ ଚିକିତ୍ସା ପ୍ରଦାନ ନିମିତ୍ତ ୱାର୍ଡକୁ ସ୍ଥାନାନ୍ତର କରିବା ପୂର୍ବରୁ ୨୪ ଘଣ୍ଟା ପାଇଁ ଆଇସିୟୁରେ ରଖାଯାଇଥିଲା। ଚିକିତ୍ସା ପ୍ରକ୍ରିୟାରେ ଡ. ପ୍ରୀତିନନ୍ଦା ମିଶ୍ର ପାଥୋଲୋଜିକାଲ୍ ମୂଲ୍ୟାଙ୍କନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




ଭୁବନେଶ୍ୱର : ବିଶ୍ୱ ରେଡ଼କ୍ରସ ଦିବସ ପାଳନ ଅବସରରେ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ-୨ରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଡାକ୍ତରମାନେ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ରକ୍ତଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ବିଜେଡିରେ ସାମିଲ ହେଲେ ବିଜେପି ନେତା ଅଖିଳ ଓ ଆଲେକଜାଣ୍ଡାର



**ଭୁବନେଶ୍ୱର, ୮/୫**
**ନ୍ୟୁଜ ବ୍ୟୁରୋ**

ବିଜେଡିରେ ସାମିଲ ହୋଇଛନ୍ତି ଅଭିନେତା ଅଖିଳ ପଟ୍ଟନାୟକ। ସେ କିଛି ଦିନ ତଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ କରି ବିଜେପି ପରିତ୍ୟାଗ କରିଥିଲେ। ଅପରାଜିତା ତାଙ୍କ ଟିକେଟ ଜାଣିଶୁଣି କାଟିଥିବା ସେ ଅଭିଯୋଗ କରିଥିଲେ।

ବୁଧବାର ଶଙ୍ଖ ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଓ ଖୋର୍ଦ୍ଧା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନାଙ୍କ ପକ୍ଷରୁ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ଅଖିଳ ପଟ୍ଟନାୟକ କୋଭିଡ ସମୟରେ ପ୍ରବାସୀଙ୍କ ପାଇଁ କାମ କରିବା ସହ କର୍କଟ ରୋଗୀଙ୍କ ପାଇଁ କାମ କରିଥିଲେ। ତାଙ୍କ ପରିବାରର ଲମ୍ବା ରାଜନୈତିକ ଇତିହାସ ରହିଛି। ଜେଜେ ବାପା ତାପଙ୍ଗ ସରପଞ୍ଚ ଥିଲେ, ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ ସହ ଖୋର୍ଦ୍ଧା ସଂଗଠନ ମଜଭୁତ କରିବାକୁ ସେ ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି ବିଜେଡିରେ ମିଶିଲେ କୋରେଇ ନିର୍ବାଚନ ମଣ୍ଡଳୀର ଯୁବ ବିଜେପି ନେତା ତଥା ଯାଜପୁର ଜିଲ୍ଲାର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ଆଲେକ୍ସଜେଣ୍ଡର ଦାସ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ସେ ଯୁବ ଓ ମହିଳା ସଶକ୍ତିକରଣରେ କୋରେଇ ପାଇଁ ବହୁ କାମ କରୁଛନ୍ତି। ତାଙ୍କର ବିଜେଡିରେ ଯୋଗଦାନ ଦଳକୁ କୋରେଇରେ ଆହୁରି ଶକ୍ତିଶାଳୀ କରିବା ସହ ୨୦୨୪ ନିର୍ବାଚନରେ ବିଜୟୀ କରାଇବ ବୋଲି ସସ୍ମିତ ପାତ୍ର କହିଛନ୍ତି। ତେବେ ବିଜେଡିରେ ଯୋଗଦେବା ପରେ ଆଲେକଜାଣ୍ଡାର ଦାସ କହିଛନ୍ତି, ମତେ ପାଠ ପଢ଼େଇଥିବା ସସ୍ମିତ ସାର୍ ପଢ଼ାଇଥିଲେ। ମୋ ସୌଭାଗ୍ୟ ସେ ମତେ ବିଜେଡିରେ ସାମିଲ କରିଛନ୍ତି। କୋରେଇରୁ ମୋ ସହିତ ଆସିଥିବା ଶତାଧିକ ବିଜେପି କର୍ମୀ ଯିଏ ବିଜେଡିରେ ସାମିଲ ହେଲେ, ସମସ୍ତଙ୍କୁ ଧନ୍ୟବାଦ। ଦୀର୍ଘ ୧୨ ବର୍ଷରୁ ଅଧିକ ମୋ ବିଜେପିରେ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। କୋରେଇ ବିକାଶରେ ଗୁଣ୍ଡୁଚି ମୂଷା ପରି କାମ କରିବି। ନିଃସ୍ୱାର୍ଥ ମନୋଭାବ ଦେଇ କାମ କରିବି। ଅଭିନୟ କରିବିନି, ମୁଖ୍ୟମନ୍ତ୍ରୀଙ୍କ ହଟାମୁଠା ଟାଣ କରି ବିକାଶ ଆହୁରି ତ୍ୱରାନ୍ୱିତ କରିବୁ ବୋଲି ଆଲେକଜାଣ୍ଡାର ଦାସ କହିଛନ୍ତି।

## ଅର୍ଥନୀତି ଅଭିବୃଦ୍ଧି ପାଇଁ ମହତ୍ତ୍ୱପୂର୍ଣ୍ଣ ଉପଭୋକ୍ତାଙ୍କ ବିଶ୍ୱାସ

# ୨୦୨୪ରେ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୮% ରହିବ

**ହାଇଦ୍ରାବାଦ, ୮/୫**

ଦେଶରେ ଷ୍ଟକ ବଜାର କାରବାର ଉତ୍ସାହଜନକ ରହିଛି । ୨୦୨୩ ଏପ୍ରିଲରୁ ୨୦୨୪ ଏପ୍ରିଲ ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନସେକ୍ସ ୨୨ ପ୍ରତିଶତ ବୃଦ୍ଧି ପାଇଛି । ଗତବର୍ଷ ଏପ୍ରିଲରେ ସେନ୍ସେକ୍ସ ୬୧,୧୧୨.୪୪ ପଏଣ୍ଟ ଥିବାବେଳେ ୨୦୨୪ ଏପ୍ରିଲରେ ୭୪,୪୮୨.୭୮ ପଏଣ୍ଟ ବୃଦ୍ଧି ରେକର୍ଡ କରିଛି । ଏହା ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ଦୃଢ ଅଭିବୃଦ୍ଧି ସମ୍ଭାବନାକୁ ପ୍ରତିଫଳିତ କରୁଛି । ୨୦୨୪ ଏପ୍ରିଲ ପାଇଁ ୱାର୍ଲ୍ଡ ଇକୋନୋମିକ ଆଉଟଲୁକ ଆକଳନରୁ ମଧ୍ୟ ଏହା ପ୍ରମାଣିତ ହୋଇସାରିଛି, ଯାହାକି ୨୦୨୪ ଏବଂ ୨୦୨୫ ପାଇଁ ଅବଶିଷ୍ଟ ବିଶ୍ୱରେ ନୈରାଶ୍ୟଜନକ ଭାବେ କମ୍ ଅଭିବୃଦ୍ଧି ହାର ଭିତରେ ଏକ ସ୍ଥିର ଭାରତର ଆକଳନ କରିଛି । ୨୦୨୪ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (GDP) ଅଭିବୃଦ୍ଧି ହାର ୬.୮ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି । ୨୦୨୫ରେ ଏହି ଅଭିବୃଦ୍ଧି ହାର ସାମାନ୍ୟ ହ୍ରାସ ପାଇ ୬.୫ ପ୍ରତିଶତ ରହିପାରେ,



ଯାହା ଚୀନ ସମେତ ଅନ୍ୟ ପ୍ରମୁଖ ଅର୍ଥନୀତିକୁ ପଛରେ ପକାଇପାରେ । କିନ୍ତୁ ଏଠି ବଡ ପ୍ରଶ୍ନ ହେଲା, ଭାରତୀୟ ଅର୍ଥନୀତି ଚଳିତ ଆର୍ଥିକ ବର୍ଷ ସଙ୍ଗେ ସଙ୍ଗେ ଆସନ୍ତା ବର୍ଷରେ ମଧ୍ୟ ଏହି ଅନୁମାନିତ ବିକାଶ ହାର ବଜାୟ ରଖିପାରିବ ବୋଲି ଆମେ କେତେ ନିଶ୍ଚିତ ହୋଇପାରିବା । ଧରାଯାଉ ଏହି ପ୍ରଶ୍ନ ଦେଶର ପଲିସି ମେକରଙ୍କୁ ଅମିତାଭ ବଚ୍ଚନ ନିଜର ଲୋକପ୍ରିୟ ଟିଭି ଶୋ'ରେ ପଚାରିଲେ, "ଆପଣ ନିଶ୍ଚିତ ଇସେ ଲକ୍ କିୟା ଜାୟେ (ଏହାକୁ ଲକ୍ କରିବା)'' ତାହେଲେ ଏନେଇ ସେମାନଙ୍କ କ'ଣ ଜବାବ ରହିବ ? ଅନୁମାନିତ ବିକାଶ ହାର ବଜାୟ ରହିବା ନେଇ ସେମାନେ ନିଶ୍ଚିତ ବୋଲି କହିପାରିବେ ତ ? ଏଥିରୁ ଏମିତି ପ୍ରତୀତ ହୋଇଥାଏ ଯେ, ଅର୍ଥନୈତିକ ଅଭିବୃଦ୍ଧି ମୂଲ୍ୟାଙ୍କନ ପାଇଁ ଉପଭୋକ୍ତାଙ୍କ ବିଶ୍ୱାସ ଏବଂ ଏହାର ଭୂମିକା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉନି । ଏହିଭଳି ଉପଭୋକ୍ତାଙ୍କ ବିଶ୍ୱାସକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଦ୍ୱିମାସିକ ମୁଦ୍ରାନୀତି ଆଧାରରେ ଟ୍ରାକ କରାଯାଇଥାଏ ଏବଂ ଏଥିରେ ଉତ୍ତରଦାତାଙ୍କ ରିପ୍ରେଜଣ୍ଟେଟିଭ ସାମ୍ପୁଲରୁ ସାଧାରଣ ଆର୍ଥିକ ସ୍ଥିତି, ନିଯୁକ୍ତି ପରିଦୃଶ୍ୟ, ଦରଦାମ, ଆୟ ଏବଂ ବ୍ୟୟକୁ ନେଇ ତାଙ୍କର ବର୍ତ୍ତମାନର ଆକଳନ ଏବଂ ଆଗାମୀ ଏକ ବର୍ଷର ଆଶା ଆକାଂକ୍ଷା ସମ୍ପର୍କରେ ପ୍ରଶ୍ନ ସାମିଲ ରହିଥାଏ ।

ଅର୍ଥନୈତିକ ଅଭିବୃଦ୍ଧି ଆକଳନ କ୍ଷେତ୍ରରେ ଉପଭୋକ୍ତା ବିଶ୍ୱାସ ସୂଚକାଙ୍କ ଏକ ପ୍ରମୁଖ ଇଣ୍ଡିକେଟର ଅଟେ । ଲୋକମାନେ ନିଜର ପ୍ରତ୍ୟାଶିତ ଆର୍ଥିକ ସ୍ଥିତିକୁ ନେଇ କେତେ ଆଶାବାଦୀ ଏବଂ ନିରାଶବାଦୀ, ତାହା ଏହି ସୂଚକାଙ୍କ ଦର୍ଶାଇଥାଏ । ଉପଭୋକ୍ତା ବିଶ୍ୱାସ ସୂଚକାଙ୍କରୁ ନୀତି ନିର୍ମାତାମାନେ (ପଲିସି ମେକର) ପରିବାରଗୁଡିକର ଉପଭୋଗ ଏବଂ ସଞ୍ଚୟ ଭିତ୍ତିକରି ଭବିଷ୍ୟତର ବିକାଶ ସମ୍ପର୍କରେ ସୂଚନା ପାଇଥାନ୍ତି । ଏହି ସୂଚକାଙ୍କରେ ୧୦୦ରୁ ଉର୍ଦ୍ଧ୍ୱ ସ୍କୋର ଉପଭୋକ୍ତାଙ୍କ ଆଶାବାଦୀ ତଥା ସଞ୍ଚୟ ବଦଳରେ ଖର୍ଚ୍ଚ କରିବାର ପ୍ରବୃତ୍ତିକୁ ଦର୍ଶାଏ। ୧୦୦ରୁ କମ୍ ସ୍କୋର ନିରାଶବାଦୀକୁ ଦର୍ଶାଇଥାଏ ।

ତେବେ ସାମ୍ପ୍ରତିକ ସ୍ଥିତିକୁ ନେଇ ଉପଭୋକ୍ତାଙ୍କ ବିଶ୍ୱାସ ଉନ୍ନତ ହୋଇଛି ଏବଂ ୨୦୧୯ ମଧ୍ୟଭାଗ ପରେ ଏହି ବିଶ୍ୱାସ ସର୍ବୋଚ୍ଚ ସ୍ତରରେ ରହିଛି । ତେବେ ୨୦୨୧ ମେ'ରେ ଉପଭୋକ୍ତା ବିଶ୍ୱାସ ସୂଚକାଙ୍କ ହ୍ରାସ ପାଇ ୪୮.୫ ପ୍ରତିଶତକୁ ଖସି ଆସିଥିଲା, ଯାହାକି ଏକ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ଥିଲା । ବର୍ତ୍ତମାନ ଏହି ସୂଚକାଙ୍କ ୯୮.୫ ରହିଛି। ଯେହେତୁ ସୂଚକାଙ୍କ ସ୍କୋର ୧୦୦ରୁ କମ୍ ରହିଛି, ତେଣୁକରି ଏହା ଅର୍ଥବ୍ୟବସ୍ଥାରେ ଉପଭୋକ୍ତାଙ୍କ ନିରାଶବାଦୀ ଭାବନାକୁ ଦର୍ଶାଉଛି । ଅନ୍ୟପଟେ ଫ୍ୟୁଚର ଏକ୍ସପେଟେସନ ଇଣ୍ଡେକ୍ସ ବା ଭବିଷ୍ୟତ ପ୍ରତ୍ୟାଶା ସୂଚକାଙ୍କ ୧୨୫.୨ରେ କାଏମ ରହିଛି। ଉପଭୋକ୍ତା ଆସନ୍ତା ବର୍ଷକୁ ନେଇ ଅଧିକ ଆଶ୍ୱସ୍ତ ଥିବା ଏହା ଦର୍ଶାଉଛି । ୨୦୨୧ ମେ'ରେ ଏହି ସଂଖ୍ୟା ୯୬.୪ ଭ୍ୟାଲୁ ସହ ନିରାଶବାଦୀ ସ୍ତରକୁ ଖସି ଆସିଥିଲା ।

# ୨୦୦ ଗଛ ଲଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଅଭିଯୁକ୍ତଙ୍କୁ ଜାମିନରେ ବୃକ୍ଷ ରୋପଣ ସର୍ତ୍ତ



**କଟକ, ୮/୫ ନ୍ୟୁଜ ବ୍ୟୁରୋ**

ଜାମିନ ପାଇଁ କୋର୍ଟ ଅନେକ ସର୍ତ୍ତ ରଖିବା କଥା ଆପଣମାନେ ଜାଣିଥିବେ ଓ ଶୁଣିଥିବେ । କିନ୍ତୁ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ଏକ ଭିନ୍ନ ସର୍ତ୍ତ ରଖିଛନ୍ତି କୋର୍ଟ । ଅଭିଯୁକ୍ତଙ୍କୁ ଜାମିନରେ ବୃକ୍ଷ ରୋପଣ ପାଇଁ ସର୍ତ୍ତ ରଖିଛନ୍ତି ହାଇକୋର୍ଟ । ଆଉ ସର୍ତ୍ତରେ ୨୦୦ଟି ବୃକ୍ଷ ରୋପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏଭଳି ସର୍ତ୍ତ ଯଦିଓ ପ୍ରଥମ ଥର ନୁହେଁ କନ୍ତୁ ଦୀର୍ଘ ଦିନ ପରେ ଏପରି କଥା ଆପଣମାନେ ଶୁଣୁଛନ୍ତି । ଯାହାକି ଆଲୋଚନାର ବିଷୟ ପାଲଟିଛି । କାରଣ ଦିନକୁ ଦିନ ଗଛ କାଟିବା ଦ୍ୱାରା ପରିବେଶରେ ଅନେକ ସମସ୍ୟା ଉପୁଜୁଥିବାରୁ ଏଭଳି ସମସ୍ୟା ଦୂର କରିବା ପାଇଁ ହାଇକୋର୍ଟଙ୍କ ଏପରି ନିର୍ଦ୍ଦେଶ ସମାଜକୁ ଏକ ଭଲ ବାର୍ତ୍ତା ଦେବ । ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା କୋକସରା ଥାନାରେ ଦାୟର ଏକ ନାବାଳିକା ଆତ୍ମହତ୍ୟା ମାମଲାର ଅଭିଯୁକ୍ତ କାର୍ତ୍ତିକ ମାଝୀ ଓରଫ ବଦ୍ରୀନାଥକୁ ୨୦୦ଟି ବୃକ୍ଷ ରୋପଣ ସର୍ତ୍ତରେ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । ଅଭିଯୁକ୍ତର ନିଜ ଗାଁ ଅମ୍ପାନୀ ଥାନା ଅନ୍ତର୍ଗତ ରେଇଁଗୁଡା। ଗାଁ ଆଖପାଖରେ ଆମ୍ବ ଏବଂ ତେନ୍ତୁଳି ଗଛ ଲଗାଇବାକୁ କୋର୍ଟ ସର୍ତ୍ତରେ ସ୍ପଷ୍ଟ କରିଛନ୍ତି । ଆସନ୍ତା ବର୍ଷା ଋତୁ ଆରମ୍ଭରେ କାର୍ତ୍ତିକ ଏହି ବୃକ୍ଷରୋପଣ କରିବା ସହ ଗଛ ଗୁଡିକର ଯତ୍ନ ନେବେ । ଏଥିପାଇଁ ଜିଲ୍ଲା ନର୍ସରୀ ସହଯୋଗର ହାତ ବଢ଼ାଇବାକୁ କୋର୍ଟ କହିଛନ୍ତି । କାର୍ତ୍ତିକ ବୃକ୍ଷରୋପଣ କରୁଛନ୍ତି ନା ନାହିଁ ସେନେଇ ଅମ୍ପାନୀ ଥାନା ତଦାରଖ କରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ସର୍ତ୍ତ ସହ ଅନ୍ୟାନ୍ୟ ସର୍ତ୍ତ ଆଧାରରେ କୋର୍ଟ କାର୍ତ୍ତିକଙ୍କୁ ଜାମିନ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ୨୦୧୯ ନଭେମ୍ବର ୪ ତାରିଖରେ ନାବାଳିକାଙ୍କୁ ଗଣବଳାତ୍କାର ସଂକ୍ରାନ୍ତ ଅଭିଯୋଗ ହୋଇଥିଲା । ଏହି ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଦର୍ଶାଇଛନ୍ତି ଯେ, ଅଭିଯୁକ୍ତ ୨୦୧୯ ନଭେମ୍ବର ୭ରୁ ଗିରଫ ହୋଇ ଜେଲ୍‌ରେ ରହି ଆସୁଛି । ସେହିପରି ନିକଟରେ ଏହି ମାମଲାର ଟ୍ରାଏଲ ଶେଷ ହେବାର ନାହିଁ । ସବୁ ଘଟଣାକୁ ବିଚାର କରି ଅଭିଯୁକ୍ତଙ୍କୁ ୩ ମାସ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି କୋର୍ଟ ।

## ଆଇସିୟୁ ଶଯ୍ୟା ପାଇଁ ଆଉ ଦହଗଞ୍ଜ ହେବେନି ରୋଗୀ

# ସବୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଉପଲବ୍ଧ ହେବ ଆଇସିୟୁ ସେବା

**ଭୁବନେଶ୍ୱର, ୮/୫ ନ୍ୟୁଜ ବ୍ୟୁରୋ**

ଗୁରୁତର ରୋଗୀ ହୁଅନ୍ତୁ କିମ୍ବା ଦୁର୍ଘଟଣାରେ ଆହତ ବ୍ୟକ୍ତି, କାହା ପାଇଁ ଆଇସିୟୁ ଚିକିତ୍ସା ଅଭାବ ରହିବ ନାହିଁ। ସବୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଇସିୟୁ ସେବା ଉପଲବ୍ଧ ହେବ ଏବଂ ରୋଗୀଙ୍କୁ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପଡ଼ିବ ନାହିଁ। ଠିକଣା ସମୟରେ ରୋଗୀଙ୍କୁ ଚିକିତ୍ସା ମିଳିବ, ଆଉ ଜୀବନରକ୍ଷା ସହଜ ହେବ। ଏହି ଆଭିମୁଖ୍ୟ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜିଲ୍ଲାସ୍ତରରେ ଆଇସିୟୁ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ପ୍ରସ୍ତୁତ କରିଛି ରଣନୀତି। ସୂଚନା ଅନୁସାରେ, ଗୁରୁତର ରୋଗୀଙ୍କ ଜୀବନରକ୍ଷା ପାଇଁ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ)ର ବଡ଼ ଭୂମିକା ରହିଛି। ତେବେ ବିଭିନ୍ନ କାରଣ ପାଇଁ ରୋଗୀଙ୍କୁ ଠିକ୍ ସମୟରେ ଆଇସିୟୁ ଶଯ୍ୟା ମିଳି ପାରୁନଥିଲା। ସେଥିପାଇଁ ରୋଗୀ ଦୂରଯାତ୍ରା କରିବା ସହ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏହି ଯାତ୍ରା ଭିତରେ ଚିକିତ୍ସା ନ ପାଇ ରୋଗୀର ସ୍ଥିତି ସଂକଟାପନ୍ନ ହୋଇଯାଉଛି। ତେବେ



ଆଇସିୟୁ ସେବାରେ ବଡ଼ ବାଧକ ହୋଇଛି ବିଶେଷଜ୍ଞ ଡାକ୍ତର ଏବଂ କର୍ମଚାରୀଙ୍କ ଅଭାବ। ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟାୟକ୍ରମେ ଡାକ୍ତର ଏବଂ ନର୍ସମାନଙ୍କୁ ଆଇସିୟୁ ପରିଚାଳନା ପ୍ରଶିକ୍ଷଣ ଦେବା ଆରମ୍ଭ କରିଛି।

ଏହି ପ୍ରଶିକ୍ଷଣର ଅବଧି ତିନି ମାସ ରଖାଯାଇଛି। ନିକଟରେ ପ୍ରଥମ ପର୍ଯ୍ୟାୟ ବ୍ୟାଚ୍‌ରେ ଡାକ୍ତର ଏବଂ ନର୍ସିଂ ଅଫିସର ପ୍ରଶିକ୍ଷଣ ଶେଷ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିରେ ସୋନପୁର, କଳାହାଣ୍ଡି, ଖୋର୍ଦ୍ଧା, ଜଗତସିଂହପୁର ଓ ଗଞ୍ଜାମ ଜିଲ୍ଲାର ଡାକ୍ତର ଏବଂ ନର୍ସିଂ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଆଇସିୟୁ ପରିଚାଳନାରେ ସିଦ୍ଧହସ୍ତ ତଥା ଅଭିଜ୍ଞ ପ୍ରଫେସରମାନେ ପ୍ରଶିକ୍ଷଣ ଦେଉଛନ୍ତି। ନ୍ୟୁରୋଲୋଜି, କାର୍ଡିଓଲୋଜି, ନିଶ୍ଚେତକ, ନେଫ୍ରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଡୋକ୍ରୋନୋଲୋଜି, ହେମାଟୋଲୋଜି, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଆଦି ବିଭାଗର ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ। ସମ୍ପ୍ରତି ରାଜ୍ୟର ୧୭ଜିଲ୍ଲା ଡାକ୍ତରଖାନାରେ ଆଇସିୟୁ ଥିବା ବେଳେ ଅବଶିଷ୍ଟ ୧୩ଜିଲ୍ଲାରେ ଆଇସିୟୁ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ଜିଲ୍ଲା ଡାକ୍ତରଖାନା ଆଇସିୟୁରେ ମୋଟ ୧୭୦ଟି ଶଯ୍ୟା ରହିଛି। ସେହିପରି ରାଜ୍ୟର ମେଡିକାଲ କଲେଜରେ ସମୁଦାୟ ୬୦୦ ଆଇସିୟୁ ଶଯ୍ୟା ରହିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ କହିବା ଅନୁସାରେ, ଆଇସିୟୁ ନିର୍ମାଣ ଯେତିକି ଜରୁରୀ ତାହାର ପରିଚାଳନା ପାଇଁ ପ୍ରଶିକ୍ଷିତ ଡାକ୍ତର ଏବଂ କର୍ମଚାରୀ ମଧ୍ୟ ସେତିକି ଜରୁରୀ। ଆଇସିୟୁ ପରିଚାଳନା ପାଇଁ ଏକ ବିଶେଷଜ୍ଞ ଦଳ ରଣନୀତି ପ୍ରସ୍ତୁତ କରିଥିଲେ। ବିଚାରବିମର୍ଶ ପରେ ସ୍ୱାସ୍ଥ୍ୟ ବିଭାଗର ଅନୁମୋଦନ କ୍ରମେ ଏହାକୁ ଆଧାର କରି ପ୍ରଶିକ୍ଷଣ ଦିଆଯାଉଛି। ବିଶେଷକରି ଆଇସିୟୁରେ ଥିବା ରୋଗୀଙ୍କ ପ୍ରକୃତ ଅବସ୍ଥା ଜାଣିବା, ରୋଗ ଓ ସମସ୍ୟା ଚିହ୍ନଟ, ଭେଣ୍ଟିଲେଟର ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ ତଥା ସଠିକ୍ ଔଷଧ ଚୟନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଅପରପକ୍ଷେ କେଉଁ ରୋଗୀଙ୍କୁ ଆଇସିୟୁ ଦରକାର ଏବଂ କାହାକୁ ସାଧାରଣ ୱାର୍ଡରେ ରଖି ଚିକିତ୍ସା କରାଯାଇପାରିବ, ତାହା ଉପରେ ନିଷ୍ପତ୍ତି ନେବା ଜରୁରୀ। ନଚେତ ଜରୁରୀ ସମୟରେ ପ୍ରକୃତରେ ଆଇସିୟୁ ଶଯ୍ୟା ଆବଶ୍ୟକ କରୁଥିବା ରୋଗୀଙ୍କୁ ତାହା ଉପଲବ୍ଧ କରିବା କଷ୍ଟକର ହେବ। ତେଣୁ ଆଇସିୟୁ ଭିତ୍ତିଭୂମି ନିର୍ମାଣ ସହିତ ପ୍ରଶିକ୍ଷିତ ମାନବସମ୍ବଳ ସୃଷ୍ଟି ଦିଗରେ ଆମେ କାମ କରୁଛୁ ବୋଲି କହିଛନ୍ତି।

# ଦକ୍ଷିଣାଞ୍ଚଳ ଆଇଜିଙ୍କ ନିକଟରେ ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ବୌଦ୍ଧ, ୮/୫ ନ୍ୟୁଜ ବ୍ୟୁରୋ**

ଦକ୍ଷିଣାଞ୍ଚଳ ଆଇଜିଙ୍କ ନିକଟରେ ୯ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଭିତରେ ୨ ମହିଳା ମାଓବାଦୀ ଥିବା ଜଣାଯାଇଛି।ସମସ୍ତ ୯ ମାଓବାଦୀ ଛତିଶଗଡ଼ ଦାନ୍ତେୱାଡ଼ା ଜିଲ୍ଲାର ବୋଲି ସୂଚନା ରହିଛି। ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଦୁଇ ମହିଳା ମାଓବାଦୀଙ୍କ ନାମ ଯୋଗି ମାଡଭି ଓ ପୋଜେ ମାଡଭି ବୋଲି ଜଣାଯାଇଛି। ସେହିପରି ପୁରୁଷ ମାଓବାଦୀମାନେ ହେଲେ ଭୀମ କାଡଟି, ଭୀମ ବଞ୍ଜାମ, ବନ୍ଦୀ ବଞ୍ଜାମ, ଅରମା ରାବୀ, ମଲ୍ଲା ମାଡଭି, ଦେବ କାଟଭି ଓ ଆୟତା ମାଡଭି।

ଏବେ ବଜାରରେ ଉପଲବ୍ଧ...

‘କଥାକଳିକା’ର ମେ’ ମାସ ସଂଖ୍ୟା, ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)

# ବୃଦ୍ଧ ଦମ୍ପତିଙ୍କୁ ଦଳି ଦେଲା ଟ୍ରକ୍

**ଭୁବନେଶ୍ୱର, ୮/୫**
**ନ୍ୟୁଜ ବ୍ୟୁରୋ**

ଅଧାରେ ରହିଲା ଘର ବାହୁଡା । ପୁରୀରୁ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ବୃଦ୍ଧ ଦମ୍ପତିଙ୍କ ଉପରେ ମାଡିଗଲା ଟ୍ରକ। ଘଟଣାସ୍ଥଳରେ ଚାଲିଗଲା ଦୁହିଁଙ୍କ ଜୀବନ। ବୁଧବାର ସକାଳେ

## ପଲାଶୁଣି ଛକରେ ମର୍ମନ୍ତୁଦ ଦୁର୍ଘଟଣା

ଭୁବନେଶ୍ୱରର ପଲାଶୁଣି ଛକରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମୃତ ଦମ୍ପତି ହେଲେ ନଳିନୀ ପାଣିଗ୍ରାହୀ ଓ ସ୍ୱାମୀ ଉମେଶ ପାଣିଗ୍ରାହୀ, ଘର ସୋନପୁରରେ। ବୁଧବାର ସକାଳେ ଦୁହେଁ ପୁରୀରୁ ଫେରି ଘରକୁ ଯିବା ପାଇଁ ପଲାଶୁଣି ଛକରେ ଓହ୍ଲାଇଥିଲେ । ସେଠାରେ ଉଭୟଙ୍କୁ ରାସ୍ତା ପାର୍ ହେଉଥିବା ବେଳେ ଗୋଟିଏ ଟ୍ରକ ଚାପି ଦେଇଥିଲା ।

# ଭିକାରିମୁକ୍ତ ହୋଇପାରୁନି ରାଜଧାନୀ: ମନ୍ଦିର ଦୁଆରେ ଲାଳସା ବଢ଼ାଉଛନ୍ତି ଦାତା

**ଭୁବନେଶ୍ୱର, ୮/୫**
**ନ୍ୟୁଜ ବ୍ୟୁରୋ**

ରାଜଧାନୀକୁ ଭିକାରିମୁକ୍ତ କରିବାକୁ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଅସହାୟ, ନିରାଶ୍ରୟ ଓ ଭିକାରିମାନଙ୍କ ପାଇଁ ଥଇଥାନ କେନ୍ଦ୍ର ନିର୍ମାଣ କରାଯାଇଛି। ସେଠାରେ ନିଶୁଳ୍କ ଖାଇବା, ପିଇବା ଓ ରହଣି ବ୍ୟବସ୍ଥା ସହିତ ରୋଜଗାରକ୍ଷମ ହେବା ପାଇଁ ବିଭିନ୍ନ ତାଲିମ ଦିଆଯାଉଛି। କିନ୍ତୁ ଏସବୁ ପରେ ବି ରାଜଧାନୀ ଭିକାରିମୁକ୍ତ ହେବା ସମ୍ଭବ ହୋଇପାରୁନାହିଁ। ବିଭିନ୍ନ ସମୟରେ ଅଣଓଡ଼ିଆ ବଞ୍ଜାରାମାନେ ଭିକ ମାଗୁଥିବା ଦେଖିବାକୁ ମିଳୁଛି। ସେହିଭଳି ବିଭିନ୍ନ ମନ୍ଦିର ଦୁଆରେ ମଧ୍ୟ ଓଡ଼ିଆ ଲୋକଙ୍କୁ ଭିକ ମାଗିବା ଦେଖିବାକୁ ମିଳୁଛି। ସଂକ୍ରାନ୍ତିରେ ବିଭିନ୍ନ ଶିବ ମନ୍ଦିର, ଶନିମନ୍ଦିରରେ ଶନିବାର ଓ ମହାବୀରଙ୍କ ମନ୍ଦିରରେ ମଙ୍ଗଳବାର ଭିକାରିମାନଙ୍କୁ ଦେଖିବାକୁ ମିଳୁଛି। ପାତ୍ରପଡ଼ା ଶନିମନ୍ଦିରକୁ ଉଦାହରଣ ଭାବେ ନିଆଯାଇପାରେ। ପ୍ରତି



ଶନିବାର ଏଠାକୁ ବହୁ ଶ୍ରଦ୍ଧାଳୁ ଆସିଥାଆନ୍ତି। ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ତେଣୁ ସକାଳୁ ସକାଳୁ ୨୦ରୁ ୩୦ ମହିଳା ଓ ପୁରୁଷ ଭିକ ମାଗିବାକୁ ଏଠାରେ ଧାଡ଼ିବାନ୍ଧି ବସିଯାଆନ୍ତି। ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସୁଥିବା ପ୍ରାୟ ସମସ୍ତ ମହିଳା ଓ ପୁରୁଷ ସେମାନଙ୍କୁ ଟଙ୍କା ବଢ଼ାଇଦିଅନ୍ତି। ଭିକାରିଙ୍କୁ କିଛି ଦାନ ନ ଦେଲେ, ମନ୍ଦିରକୁ ଆସି ପୂଜା କରିବା ଅଧୁରା ରହିଯାଏ ବୋଲି ସେମାନଙ୍କ ବିଶ୍ୱାସ। ତେଣୁ ଦାତାମାନେ ଖୁସିରେ ସବୁ ଭିକାରିଙ୍କ ଥାଳିରେ ପଇସା ପକାଇଦିଅନ୍ତି। ପ୍ରତି ଶନିବାର ଭିକାରିମାନେ ମୁଣ୍ଡପିଛା ୩୦୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ପାଇଯାଆନ୍ତି। ଫଳରେ ସେମାନଙ୍କ ମନରେ ଲାଳସା ବଢ଼ିଯାଏ ଏବଂ ପ୍ରତି ଶନିବାର ସେମାନେ ମନ୍ଦିରକୁ ଛୁଟିଆସନ୍ତି। କେବଳ ପାତ୍ରପଡ଼ା ଶନିମନ୍ଦିରରେ ଏ ଦୃଶ୍ୟ ଦେଖିବାକୁ ମିଳେନି, ରାଜଧାନୀର ପ୍ରାୟ ସବୁ ଶନିମନ୍ଦିରରେ ଏହି ଚିତ୍ର ଦେଖିବାକୁ ମିଳେ। ବାଣୀବିହାର ଶନିମନ୍ଦିରରେ ମଧ୍ୟ ପ୍ରତି ଶନିବାର ଭିକାରିମାନଙ୍କୁ ବସିଥିବାର ଦେଖିବାକୁ ମିଳେ। ସେହିଭଳି ରାଜଧାନୀର ବିଭିନ୍ନ ମହାବୀର ମନ୍ଦିରରେ ମଙ୍ଗଳବାର ଦିନ ସକାଳୁ ଭିକାରିମାନେ ଭିଡ଼ ଜମାଇଦିଅନ୍ତି। ସିଆରପିଏଫ୍ ଛକ, ଜୟଦେବବିହାର, ଆଇଆରସି ଭିଲେଜ୍, ଭିଆଇପି ଛକସ୍ଥିତ ମହାବୀରଙ୍କ ମନ୍ଦିରରେ ପ୍ରତି ମଙ୍ଗଳବାର ଭିକାରିଙ୍କ ଭିଡ଼ ଦେଖିବାକୁ ମିଳେ। ସେହିଭଳି ପ୍ରତି ସୋମବାର ଶିବ ମନ୍ଦିରରେ ଏଭଳି ଦୃଶ୍ୟ ସାଧାରଣ କଥା। ସଂକ୍ରାନ୍ତିରେ ମଧ୍ୟ ସବୁ ଶିବ ମନ୍ଦିରରେ ଭିକାରିମାନେ ଭିକ ମାଗୁଥିବାର ଦୃଶ୍ୟ ଦେଖାଯାଏ। ଏହାବାଦ ବିଭିନ୍ନ ପର୍ବପର୍ବାଣୀରେ ପ୍ରାୟ ସବୁ ମନ୍ଦିରରେ ଭିକାରିମାନେ ଭିକ ମାଗୁଛନ୍ତି। ଏହା ଉପରେ ପ୍ରଶାସନର ଅଙ୍କୁଶ ନାହିଁ। ଏଭଳି ଦିନରେ ଭିକାରି ସାଜୁଥିବା ମହିଳା ଓ ପୁରୁଷମାନେ ସପ୍ତାହର ଅନ୍ୟ ଦିନରେ ଘରେ ବସିରହନ୍ତି। ସପ୍ତାହର ତିନି ଦିନ ସେମାନେ ଭିକ୍ଷାବୃତ୍ତିରୁ ଯେତିକି ରୋଜଗାର କରନ୍ତି, ସେଥିରେ ସପ୍ତାହକର ଖର୍ଚ୍ଚ ଉଠିଯାଏ। ରାଜଧାନୀରେ ଭିକାରି ଥଇଥାନ ଦାୟିତ୍ୱରେ ଥିବା ଏକ ସଂସ୍ଥାର କର୍ମକର୍ତ୍ତାଙ୍କ କହିବା କଥା ନିର୍ଦ୍ଦିଷ୍ଟ ଦିନମାନଙ୍କରେ ମନ୍ଦିର ଦୁଆରେ ବସି ହାତ ପାତୁଥିବା ଭିକାରିମାନେ ନିୟମିତ ଏଭଳି କରୁନାହାନ୍ତି। ସେମାନେ କେବଳ ସେହି ଦିନରେ ହିଁ ମନ୍ଦିର ଦୁଆରେ ବସି ପୁଣି ଘରକୁ ଫେରିଯାଆନ୍ତି। ସେମାନଙ୍କର ଘରଦ୍ୱାର ରହିଛି। ତେଣୁ ସେମାନଙ୍କୁ ଉଠାଇ ଆଣି ଥଇଥାନ କେନ୍ଦ୍ରରେ ରଖିବା ଆବଶ୍ୟକ ନୁହେଁ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭିକ ଦେବା ପ୍ରସଙ୍ଗକୁ ଏକ ପୁଣ୍ୟ ବୋଲି ବିବେଚନା କରି ସେମାନଙ୍କୁ ପଇସାପତ୍ର ଦାନ ଦେଉଛନ୍ତି ଏବଂ ସେମାନଙ୍କ ମନରେ ଲାଳସା ବଢ଼ାଉଛନ୍ତି। ମନ୍ଦିର ଦୁଆରେ ଭିକାରିମାନଙ୍କୁ ଜୋରଜବରଦସ୍ତ ଉଠାଇଲେ, ଭାବାବେଗକୁ ଆଘାତ କରିବ। କିନ୍ତୁ ପ୍ରଶାସନ ଚାହିଁଲେ ହୋଇପାରିବ।